ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୬ ସେପ୍ଟେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 06 SEPTEMBER 2023

Vol.No. 35 ■ No. 235■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଦେଶର ନାଁ ହେବ କେବଳ 'ଭାରତ' !

ସ୍ୱତନ୍ତ୍ର ଅଧିବେଶନରେ ସମ୍ବିଧାନ ସଂଶୋଧନ ପ୍ରସ୍ତାବ ଆଣିପାରନ୍ତି କେନ୍ଦ୍ର ସରକାର

ନୂଆଦିଲ୍ଲୀ,୦୫/୦୯ :ବଦଳିବ ଦେଶର ନାଁ। ସଂଶୋଧନ ଏବେ ସମ୍ବିଧାନର ଧାରା ୧। ଇଣ୍ଡିଆ ବଦଳରେ ଦେଶ କେବଳ ଭାରତ ନାଁରେ ପରିଚୟ ହାସଲ କରିବ। ସରକାର ଡାକିଥିବା ସଂସଦର ବିଶେଷ ଅଧିବେଶନରେ ଏନେଇ ବିଲ୍ ଆଣିବେ। ଏଭଳି କିଛି ଚର୍ଚ୍ଚାକୁ ନେଇ ରାଜନୀତିକ ବାକଯୁଦ୍ଧ ଆରମ୍ଭ ହୋଇଯାଇଛି। ଜି-୨୦ ଶିଖର ସମ୍ମିଳନୀ ପାଇଁ ସେପ୍ଟେମ୍ବର ୯ରେ ଡିନର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ପଠାଯାଇଥିବା ନିମନ୍ତ୍ରଣରେ ପ୍ରେସିଡେଣ୍ଟ ଅଫ ଇଣ୍ଡିଆ ବଦଳରେ ପ୍ରେସିଡେଣ୍ଟ ଅଫ ଭାରତ ଲେଖା ଯାଇଛି। କେନ୍ଦ୍ର ସରକାର ଜାଣିଶୁଣି ଇଣ୍ଡିଆ ବଦଳରେ ଭାରତ ଶବ୍ଦର ବ୍ୟବହାର କରିଛନ୍ତି। ସମ୍ଭବତଃ କେନ୍ଦ୍ର ସରକାର ଇଣ୍ଡିଆ ବଦଳରେ ଦେଶର ନାଁ କେବଳ ଭାରତ ରଖିବାକୁ ଚାହୁଁଥିବା କଂଗ୍ରେସ ଅଭିଯୋଗ କରିଛି। ନିମନ୍ତ୍ରଣ ପତ୍ରକୁ ଶେୟାର କରି କଂଗ୍ରେସର ରାଜ୍ୟସଭା ସାଂସଦ ଜୟରାମ ରମେଶ କହିଛନ୍ତି, "ଏହି ଖବରଟି ପୂରା ସତ୍ୟ। ରାଷ୍ଟ୍ରପତି ଭବନ ପକ୍ଷରୁ ସେପ୍ଟେମ୍ବର ୯ ତାରିଖ ଜି-୨୦ ଡିନର ପାଇଁ ପଠାଇଥିବା ନିମନ୍ତ୍ରଣ ପତ୍ରରେ ପ୍ରେସିଡେଣ୍ଟ ଅଫ ଭାରତ ଲେଖାଯାଇଛି। ବାସ୍ତବରେ ସବୁବେଳେ ଏହା ପ୍ରେସିଡେଣ୍ଟ ଅଫ ଇଣ୍ଡିଆ ରହିଥାଏ। ବର୍ତ୍ତମାନ ସମ୍ବିଧାନର ଧାରା ୧ରେ ଉଲ୍ଲେଖ କରାଯାଇଛି ଯେ ଭାରତ, ଏହା ଇଣ୍ଡିଆ ଗୋଟିଏ ୟୁନିୟନ ଅଫ ଷ୍ଟେଟସ୍ସ। କିନ୍ତୁ ଏବେ ୟୁନିୟନ ଅଫ ଷ୍ଟେଟ୍ସ ଉପରେ ଆକ୍ରମଣ କରାଯାଉଛି।" ଇଣ୍ଡିଆକୁ ଭାରତ କହିବାରେ କୌଣସି ସାମ୍ବିଧାନିକ ଅସୁବିଧା ନାହିଁ। ତେବେ ସରକାର ଇଣ୍ଡିଆକୁ ସଂପୂର୍ଣ୍ଣ ଭାବେ ମୂଳପୋଛ କରିବାକୁ କୌଣସି ନିର୍ବୋଧ କାମ କରିବେ ନାହିଁ ବୋଲି ଆଶା ଥିବା କଂଗ୍ରେସ ସାଂସଦ ଶଶି ଥରୁର କହିଛନ୍ତି। ଏହାସହ ଅନେକ ବିରୋଧୀ ଦଳର ନେତା ମଧ୍ୟ ଏପରି ଚର୍ଚ୍ଚାକୁ ନେଇ କେନ୍ଦ୍ର ସରକାର ଓ ବିଜେପିକୁ ଟାର୍ଗେଟ କରିଛନ୍ତି। ନିକଟରେ ବିରୋଧୀ ମେଣ୍ଟ ଇଣ୍ଡିଆ ନାଁରେ ଏକାଠି ହୋଇଥିବାରୁ କ୍ଷମତାସୀନ ବିଜେପି ଭୟଭୀତ ହୋଇ ପଡ଼ିଛି। ତେଣୁ ଏବେ ଦଳ ଦେଶର ନାଁକୁ ଇଣ୍ଡିଆରୁ କେବଳ ଭାରତ କରିବାକୁ ଚାହୁଁଥିବା ବିରୋଧୀ ଅଭିଯୋଗ କରିଛନ୍ତି। ତେବେ କଂଗ୍ରେସ ଓ ବିରୋଧୀ ଦଳଗୁଡ଼ିକର ସମାଲୋଚନାକୁ କାଉଣ୍ଟର କରିଛି ବିଜେପି। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା କହିଛନ୍ତି, "ଦେଶର ସମ୍ମାନ ଓ ଗର୍ବ ସହ ଜଡ଼ିତ ସବୁ ପ୍ରସଙ୍ଗକୁ କାହିଁକି କଂଗ୍ରେସ ବିରୋଧ କରୁଛି? ଭାରତ ଯୋଡ଼ ଯାତ୍ରା ନାଁରେ ରାଜନୀତିକ ଯାତ୍ରା କରୁଥିବା ଲୋକଙ୍କୁ 'ଭାରତ ମାତା କି ଜୟ' ନାରା ଦେବାରେ ଏତେ ଘୃଣା କାହିଁକି? ଏଥିରୁ ସ୍ପଷ୍ଟ ଯେ କଂଗ୍ରେସର ମନରେ ଦେଶ ପ୍ରତି ସମ୍ମାନ ଅଛି ନା ଦେଶର ସମ୍ବିଧାନ ପ୍ରତି ଭଲ ପାଇବା ଅଛି ନା ଦେଶର ସାମ୍ବିଧାନିକ ସଂସ୍ଥା ପ୍ରତି ସମ୍ମାନ ଅଛି। ତା'କୁ କେବଳ ଗୋଟିଏ ବିଶେଷ ପରିବାରର ଗୁଣଗାନ କରିବାର ଅଛି। ଦେଶ ବିରୋଧୀ ଓ ସମ୍ବିଧାନ ବିରୋଧୀ କଂଗ୍ରେସ ସମ୍ପର୍କରେ ଦେଶବାସୀ ଭଲ ଭାବେ ଜାଣିଛନ୍ତି।" ଜି-୨୦ ନିମନ୍ତ୍ରଣରେ ଭାରତ ଶବ୍ଦର ବିରୋଧ କରୁଥିବା କଂଗ୍ରେସକୁ କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ମଧ୍ୟ ସମାଲୋଚନା କରିଛନ୍ତି। ସେ କହିଛନ୍ତି, "ସେମାନଙ୍କର ସବୁଥରେ ସମସ୍ୟା ରହିଛି। ମୁଁ ଜଣେ ଭାରତବାସୀ ମୋ ଦେଶର ନାଁ ଭାରତ ଅଛି, ଭାରତ ରହିଥିଲା ଓ ଭାରତ ରହିବ। ଯଦି ଏଥିରେ କଂଗ୍ରେସର ଅସୁବିଧା ହେଉଛି, ତା'ହେଲେ ନିଜେ ନିଜେ ଏହାର ଉପାୟ ପନ୍ଥା ଆପଣାନ୍ତୁ।" ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ମଧ୍ୟ କଂଗ୍ରେସକୁ ସମାଲୋଚନା କରି ଦେଶର ନାଁ ଭାରତ ରହିବା ଦରକାର ବୋଲି କହିଛନ୍ତି।

ରାଜ୍ୟରେ ଖୋଲିବ ୫୪ଟି କ୍ୟାମ୍ପ ଅଫିସ୍: ସହଜ ହେବ ଆରଟିଓ କାମ

ଭୁବନେଶ୍ୱର, ୦୫/୦୯ (ନି.ପ୍ର): ଡ୍ରାଇଭିଂ ଲାଇସେନ୍ସଠୁ ଆରମ୍ଭ କରି ଗାଡ଼ି କାଗଜପତ୍ର ସଂକ୍ରାନ୍ତ ବିଭିନ୍ନ କାର୍ଯ୍ୟ ଏଣିକି ସହଜରେ କ୍ୟାମ୍ପ ଅଫିସରେ ଉପଲବ୍ଧ ହେବ । ବିଭିନ୍ନ ଜିଲ୍ଲା ମୁଖ୍ୟାଳୟରେ ଆରଟିଓ (ଆଂଚଳିକ ପରିବହନ କାର୍ଯ୍ୟାଳୟ) ଥିଲେ ମଧ୍ୟ ସାଧାରଣ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆଉ ୫୪ଟି ସ୍ଥାନରେ କ୍ୟାମ୍ପ ଅଫିସ(ଆରଟିଓ) ଖୋଲିବାକୁ ଅନୁମତି ଦେଇଛନ୍ତି । ଏହି କ୍ୟାମ୍ପ ଅଫିସଗୁଡ଼ିକ ସମ୍ପୃକ୍ତ ଜିଲ୍ଲାରେ ଥିବା ଆରଟିଓ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟ କରିବ । ▶▶ପୃଷ୍ଠା ୭

ସିମ୍ କାର୍ଡ ବିକ୍ରି ପାଇଁ ଆସିଲା ନୂଆ ନିୟମ



ନୂଆଦିଲ୍ଲୀ, ୦୫/୦୯ : ସିମ୍ କାର୍ଡ ବିକ୍ରି ପାଇଁ ଆସିଲା ନୂଆ ନିୟମ। ଯେ କେହି ଚାହିଁଲେ ବିକି ପାରିବେନି ସିମ୍ କାର୍ଡ। କେବଳ ପଞ୍ଜୀକୃତ ବିକ୍ରେତାଙ୍କୁ ମିଳିବ ସିମ୍ କାର୍ଡ ବିକ୍ରି ଅନୁମତି। ଅକ୍ଟୋବର ପହିଲାରୁ ଲାଗୁହେବ ଏ ନୂଆ ନିୟମ। ଜାଲ ସିମ୍ କାର୍ଡ ଜରିଆରେ ସାବଇବର ଠକେଇ ବଢ଼ିବା ପରେ ନିକଟରେ ଦେଶର ସମସ୍ତ ଟେଲିକମ୍ ଅପରେଟରଙ୍କୁ ସର୍କୁଲାର ଜାରି କରିଛି ଟେଲିକମ୍ ବିଭାଗ। ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ନିଜର ସମସ୍ତ 'ପଏଣ୍ଟ ଅଫ୍ ସେଲ' ବା ଅଧିକୃତ ବିକ୍ରେତାଙ୍କ ପଞ୍ଜୀକରଣ ▶▶ପୃଷ୍ଠା ୭

ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର: ପ୍ରବଳ ବର୍ଷିବ

ଭୁବନେଶ୍ୱର, ୦୫/୦୯ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଲଘୁଚାପ କ୍ଷେତ୍ର। ଏହା ପ୍ରଭାବରେ ରାଜ୍ୟ ପ୍ରବଳରୁ ଅତି ପ୍ରବଳରୁ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଟ୍ୱିଟ୍ କରି ଏହି ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଉତ୍ତର-ପଶ୍ଚିମ ପାର୍ଶ୍ୱବର୍ତ୍ତୀ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ତତସଂଲଗ୍ନ ଦକ୍ଷିଣ-ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳସ୍ଥ ସମୁଦ୍ର ମଧ୍ୟରେ ଲଘୁଚାପ କ୍ଷେତ୍ରଟି ସୃଷ୍ଟି ହୋଇଛି।

ଶପଥ ନେଲେ ଓଡ଼ିଶା ହାଇକୋର୍ଟର ୨ ନୂଆ ବିଚାରପତି

ଭୁବନେଶ୍ୱର, ୦୫/୦୯ (ନି.ପ୍ର): ଓଡ଼ିଶା ହାଇକୋର୍ଟର ନୂଆ ବିଚାରପତି ଭାବେ ଆଜି ଶପଥ ନେଇଛନ୍ତି ଜଷ୍ଟିସ ଶିବଶଙ୍କର ମିଶ୍ର ଓ ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା। ଉଭୟଙ୍କୁ ଶପଥ ପାଠ କରାଇଛନ୍ତି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଶୁଭାଶିଷ ତାଲପତ୍ର। ଏହି ଦୁଇ ବିଚାରପତିଙ୍କୁ ମିଶାଇ ଓଡ଼ିଶା ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୨୨କୁ ବୃଦ୍ଧି ପାଇଛି । ଜଷ୍ଟିସ ଶିବଶଙ୍କର ମିଶ୍ର ୧୯୯୧ ମସିହାରୁ ଓକିଲାତି କ୍ୟାରିୟର ଆରମ୍ଭ କରିଥିବା ବେଳେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ତାଙ୍କ ପାଖରେ ରହିଛି। ଦେୱାନୀ, ଫୌଜଦାରୀ ଓ ଚାକିରି ସମ୍ପର୍କିତ ଆଇନରେ ତାଙ୍କ ସ୍ୱତନ୍ତ୍ର ଦକ୍ଷତା ରହିଛି। ଜଷ୍ଟିସ ଶିବଶଙ୍କର ମିଶ୍ର ଜୟପୁରଠାରେ ୧୯୬୮ ମସିହାରେ ଜନ୍ମଗ୍ରହଣ କରିଥିଲେ। କୋରାପୁଟର ଜୟପୁର ଲ' କଲେଜରୁ ସେ ଏଲଏଲବି ଡିଗ୍ରୀ ହାସଲ କରିଥିଲେ। ସେହିଭଳି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ୨୦୦୪ ମସିହାରେ ଫାଷ୍ଟ ଟ୍ରାକ୍ କୋର୍ଟର ବିଚାର ବିଭାଗରେ ଯୋଗ ଦେଇଥିଲେ। ୨୦୧୩ରେ ଜିଲ୍ଲା ଜଜ୍ ରେଗୁଲାର କ୍ୟାଡରରେ ଯୋଗ ଦେଇଥିଲେ। ଏହାସହ ରାଜ୍ୟ ସରକାରଙ୍କ ବିଭିନ୍ନ ପଦ ପଦବୀରେ ସେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଛନ୍ତି।

ସୁକୁମାରେ ପୋଲିସ-ମାଓ ଗୁଳି ବିନିମୟ: ୨ ନକ୍ସଲ ନିହତ

ସୁକୁମା/ରାୟଗୁର ,୦୫/୦୯ : ଛତିଶଗଡର ନକ୍ସଲ ପ୍ରଭାବିତ ସୁକୁମା ଜିଲ୍ଲାର ତାଡମେଟଲା ଅଞ୍ଚଳରେ ଆଜି ସକାଳେ ପୋଲିସ ଓ ମାଓବାଦୀ ମୁହାଁମୁହିଁ ହୋଇଛନ୍ତି । ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ଯୋଗୁ ୨ଜଣଙ୍କ ମୁଣ୍ଡରେ ପୁରସ୍କାର ରାଶି ଘୋଷଣା ହୋଇଥିବା ନକ୍ସଲ ନିହତ ହୋଇଛନ୍ତି । ଘଟଣାସ୍ଥଳରୁ ଗୋଟିଏ ୧୨ ବୋର ଡବଲ ବ୍ୟାରେଲ ବନ୍ଧୁକ ଓ ଗୋଟିଏ ପିସ୍ତଲ ଜବତ ହୋଇଛି । ଗୁଳି ବିନିମୟରେ ସମ୍ପର୍କରେ ଏସପି କିରଣ ଚୌହ୍ୱାନ ସୂଚନା ଦେଇଛନ୍ତି ।

ସାତକୋଶିଆ ଅଭୟାରଣ୍ୟରୁ ହାତୀର ୨ଟି ମୃତଦେହ ଠାବ

ଅନୁଗୁଳ, ୦୫/୦୯ (ନି.ପ୍ର): ଅନୁଗୁଳ ଜିଲ୍ଲା ସାତକୋଶିଆ ଅଭୟାରଣ୍ୟରୁ ହାତୀ ୨ଟିର ମୃତଦେହ ଠାବ କରାଯାଇଛି। ତେବେ ହାତୀ ଦୁଇଟିର କିପରି ମୃତ୍ୟୁ ଘଟିଲା ତାର କାରଣ ଜଣାପଡ଼ି ନାହିଁ। ଆଜି ସକାଳେ ସାତକୋଶିଆ ଅଭୟାରଣ୍ୟର ଜଗନ୍ନାଥପୁର ଗାଁ ନିକଟ ଜଙ୍ଗଲରେ ହାତୀ ଦୁଇଟିର ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକ ଦେଖିଥିଲେ। ଏନେଇ ବନ ବିଭାଗକୁ ଖବର ଦେଖିଥିଲେ। ଖବର ପାଇ ବନ ବିଭାଗର ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଏହାସହ ଏକ ଡାକ୍ତରୀଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ତେବେ ହାତୀ ଦୁଇଟିର କିପରି ମୃତ୍ୟୁ ଘଟିଲା ତାର କାରଣ ଜଣାପଡ଼ି ନାହିଁ। ହାତୀ ଦୁଇଟି ଖାଦ୍ୟ ଅନ୍ୱେଷଣରେ ଆସିଥିବା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ସେମାନଙ୍କୁ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ହେଲେ ପ୍ରକୃତ କାରଣ ଜଣାପଡ଼ିନାହିଁ।

ଧାରା ୩୭୦: ୧୬ଦିନର ଶୁଣାଣି ପରେ ରାୟ ସଂରକ୍ଷିତ

ନୂଆଦିଲ୍ଲୀ,୦୫/୦୯ : ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ବିରୋଧରେ ହୋଇଥିବା ଏକାଧିକ ଆବେଦନର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି ସୁପ୍ରିମକୋର୍ଟ। ଆବେଦନଗୁଡ଼ିକ ଉପରେ ସର୍ବୋଚ୍ଚ ଅଦାଲତ ୧୬ ଦିନ ଧରି ମାରାଥନ ଶୁଣାଣି କରିବା ପରେ ଏପରି ନିଷ୍ପତ୍ତି ନେଇଛନ୍ତି। ଅଗଷ୍ଟ ମାସରୁ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଏହାର ଶୁଣାଣି କରୁଥିଲେ। ଜଷ୍ଟିସ ଚନ୍ଦ୍ରଚୂଡ଼ଙ୍କ ବ୍ୟତୀତ ଖଣ୍ଡପୀଠର ଅନ୍ୟ ବିଚାରପତିମାନେ ହେଲେ ଜଷ୍ଟିସ ସଞ୍ଜୟ କିଶନ କୌଲ, ସଞ୍ଜୀବ ଖାନ୍ନା, ଜଷ୍ଟିସ ବିଆର ଗବାଇ ଓ ଜଷ୍ଟିସ ସୂର୍ଯ୍ୟ କାନ୍ତ। କେନ୍ଦ୍ର ସରକାର ୨୦୧୯ ମସିହା ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରିଥିଲେ। ଏଥିସହ ଏହାକୁ ଦୁଇ ଭାଗ କରି ଦେଇଥିଲେ। ଏବେ ଜମ୍ମୁ-କଶ୍ମୀର ଓ ଲଦାଖ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳର ମାନ୍ୟତା ପାଇଛନ୍ତି। ତେବେ କେନ୍ଦ୍ରର ଏପରି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଏକାଧିକ ପିଟିସନ ସୁପ୍ରିମକୋର୍ଟରେ ଆଗତ କରାଯାଇଥିଲା। ଚଳିତ ବର୍ଷ ଅଗଷ୍ଟରୁ ଏଗୁଡ଼ିକର ଶୁଣାଣି ଆରମ୍ଭ ହୋଇଛି। ଆବେଦନକାରୀ କହିଛନ୍ତି ଯେ କେନ୍ଦ୍ର ସରକାର ନିଜର ଫାଇଦା ପାଇଁ ସବୁ କିଛି କରିଛନ୍ତି। ସରକାର ଦେଶର ଆଇନକୁ ଆଦୌ ପାଳନ କରି ନାହାନ୍ତି। ଆବେଦନକାରୀ ରିଫାତ ଅର ବୁଟଙ୍କ ଓକିଲ ଦୁଷ୍ୟନ୍ତ ଡାଭେ କହିଥିଲେ ଯେ "ଧାରା ୩୭୦ର ଉଚ୍ଛେଦ କ୍ଷମତା ଅପବ୍ୟବହାରର ଜ୍ୱଳନ୍ତ ଉଦାହରଣ।" ଏନସି ସାଂସଦ ମହମ୍ମଦ ଅକବର ଲୋନଙ୍କ ପାଇଁ ଲଢୁଥିବା ବରିଷ୍ଠ ଆଇନଜୀବୀ କପିଲ ଶିବଲ କହିଛନ୍ତି, ▶▶ପୃଷ୍ଠା ୭

'ଯଦି ୫ ବର୍ଷରେ ଥରେ ଥରେ ନିର୍ବାଚନ ହୁଏ, ତାହେଲେ ସିଲିଣ୍ଡର ୫୦୦୦ ଟଙ୍କା, ଟମାଟୋ ୧୫୦୦ ଟଙ୍କା ହେବ': କେଜ୍ରିୱାଲ



ନୂଆଦିଲ୍ଲୀ,୦୫/୦୯ : 'ୱାନ୍ ନେସନ୍ ୱାନ୍ ଇଲେକ୍ସନ୍'କୁ ନେଇ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଟାର୍ଗେଟ କରିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ । ସୋମବାର ନିର୍ବାଚନ ପ୍ରଚାର ପାଇଁ ରାଜସ୍ଥାନ ଯାଇଥିବାବେଳେ ମୋଦୀଙ୍କୁ ଟାର୍ଗେଟ କରି କହିଛନ୍ତି ଯେ, ' ମୋତେ ଦୁଃଖ ଲାଗୁଛି ଯେ, ମୋଦୀ ୯ ବର୍ଷ ଶାସନ କରିବା ପରେ ବି ୱାନ୍ ନେସନ୍ ୱାନ୍ ଇଲେକ୍ସନ କଥା କହୁଛନ୍ତି । ସାଧାରଣ ଜନତାଙ୍କର ଏଥିରେ ଲାଭ କ'ଣ ହେବ? ଗୋଟିଏ ହେଉ ବା ୧୦୦୦ ନିର୍ବାଚନ ସାଧାରଣ ଲୋକଙ୍କର କିଛି ଲାଭ ମିଳିବନି'। ଆହୁରି ମଧ୍ୟ କହିଛନ୍ତି , 'ସମସ୍ତେ ଜାଣନ୍ତି କେବଳ ଭୋଟ ସମୟ ହେଲେ ନେତାମାନେ ଲୋକଙ୍କ ପାଖକୁ ଆସନ୍ତି । ଯେହେତୁ ବିଭିନ୍ନ ସମୟରେ ବିଭିନ୍ନ ରାଜ୍ୟରେ ନିର୍ବାଚନ ହେଉଛି । ଏଥିପାଇଁ ବାରମ୍ବାର ମୋଦୀଙ୍କୁ ଲୋକଙ୍କ ପାଖକୁ ଯିବାକୁ ପଡୁଛି । ଯାହାକୁ ସେ ଡରନ୍ତି । ମୋଦୀ ୱାନ୍ ନେସନ୍ ୱାନ୍ ଇଲେକ୍ସନ ନକରି ବରଂ ଗୋଟିଏ ଦେଶ, ଗୋଟିଏ ଶିକ୍ଷା , ଗୋଟିଏ ଦେଶ ଗୋଟିଏ ସ୍ୱାସ୍ଥ୍ୟସେବା କରିଥିଲେ ଭଲ ହୋଇଥାନ୍ତା । ଯଦି ଦେଶରେ ୱାନ୍ ନେସନ୍ ୱାନ୍ ଇଲେକ୍ସନ୍ ଲାଗୁ ହୁଏ ଆଗକୁ ଏଲପିଜି ସିଲିଣ୍ଡର ପିଛା ୫୦୦୦ ଟଙ୍କା ଟମାଟୋ କିଲୋକୁ ୧୫୦୦ ଟଙ୍କାରେ ବିକ୍ରି ହେବ । ତେଣୁ ମୋ ମତରେ ଦେଶରେ ଗୋଟିଏ ନୁହେଁ ବରଂ ୨୦ ନିର୍ବାଚନ ହେବା ଉଚିତ । ପ୍ରତି ୩ ମାସରେ ଥରେ ନିର୍ବାଚନ ହେବା ଉଚିତ, ଫଳରେ ସରକାରଙ୍କୁ ଲୋକଙ୍କ ପାଖକୁ ଯିବାକୁ ପଡିବ' ।

ହେଟସ୍ପିଚ୍: ଉଦୟନିଧିଙ୍କ ବିରୋଧରେ ସିଜେଆଇଙ୍କୁ ଚିଠି ଲେଖିଲେ ୨୬୨ ବିଶିଷ୍ଟ ବ୍ୟକ୍ତି

ନୂଆଦିଲ୍ଲୀ,୦୫/୦୯ : ପୂର୍ବତନ ବିଚାରପତି ଓ ପ୍ରଶାସନ ଅଧିକାରୀଙ୍କ ସମେତ ୨୬୨ ଜଣ ବିଶିଷ୍ଟ ବ୍ୟକ୍ତ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କୁ ଚିଠି ଲେଖିଛନ୍ତି। ଡିଏମକେ ନେତା ଉଦୟନିଧି ସନାତନ ଧର୍ମ ବିରୋଧରେ ଦେଇଥିବା ବୟାନ ହେଟସ୍ପିନ ଶ୍ରେଣୀରେ ଯାଉଛି। ତେଣୁ ସିଜେଆଇ ନିଜ ଆଡୁ ଏହାର ବିଚାର କରନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ସିଜେଆଇଙ୍କୁ ଲେଖାଯାଇଥିବା ଚିଠିରେ କୁହାଯାଇଛି ଯେ ଉଦୟନିଧି ଷ୍ଟାଲିନ କେବଳ ଘୃଣା ସୃଷ୍ଟି କରିବା ଭଳି ବୟାନ ଦେଇ ନାହାନ୍ତି ବରଂ ସେ ନିଜର ବିବାଦୀୟ ବୟାନ ପାଇଁ କ୍ଷମା ମାଗିବାକୁ ମନା କରି ଦେଇଛନ୍ତି। ଉକ୍ତ ଚିଠିରେ ୨୬୨ ଜଣଙ୍କ ଦସ୍ତଖତ ରହିଛି। ▶▶ପୃଷ୍ଠା ୭

ଡେଙ୍ଗୁରେ ଥରୁଛି ଓଡ଼ିଶା: ଖୋର୍ଦ୍ଧାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୫ ଶହ ଟପିଲା

ଭୁବନେଶ୍ୱର, ୦୫/୦୯ (ନି.ପ୍ର): ଗତବର୍ଷ ସେପଟେମ୍ବର ବେଳକୁ ଯେଉଁ ଜିଲ୍ଲାରେ ହାତଗଣତି ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ, ଏବର୍ଷ ସେସବୁ ଜିଲ୍ଲା ଡେଙ୍ଗୁରେ ଥରୁଛନ୍ତି। ରୋଗୀଙ୍କ ସଂଖ୍ୟା ୪ଶହ ଟପିଲାଣି। ଏବେ ପ୍ରତ୍ୟେକ ଦିନ ଯେଉଁଭଳି ଭାବେ ରୋଗୀଙ୍କ ସଂଖ୍ୟା ବଢୁଛି, ଖୁବ୍‌ଶୀଘ୍ର ଏସବୁ ଜିଲ୍ଲାରେ ରୋଗୀଙ୍କ ସଂଖ୍ୟା ହଜାର ଛୁଇଁବା ନେଇ ଆଶଙ୍କା ସୃଷ୍ଟି ହେଲାଣି। ଖୋର୍ଧା ଜିଲ୍ଲାରେ ଡେଙ୍ଗୁ ନିୟନ୍ତ୍ରଣରେ ନାହିଁ। ଭୁବନେଶ୍ୱର ହଟ୍‌ସ୍ପଟ୍ ପାଲଟିଛି। ଅନେକ ଅଞ୍ଚଳ ଡେଙ୍ଗୁର ନିୟନ୍ତ୍ରଣରେ ରହିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଳିତ ମାସ ଶେଷ ସୁଦ୍ଧା ଡେଙ୍ଗୁ ନିୟନ୍ତ୍ରଣକୁ ଆସିବ ବୋଲି କୁହାଯାଉଛି। ହେଲେ ଏବେ ଯେଉଁଭଳି ଭାବେ ବର୍ଷା ଲାଗି ରହିଛି, ତାହା ସମ୍ଭବ ହୋଇନପାରେ। ଡେଙ୍ଗୁ ମୁଖ୍ୟତଃ ସହରାଞ୍ଚଳରେ ଦେଖିବାକୁ ମିଳିଥାଏ। ହେଲେ ଏବେ ଗ୍ରାମାଞ୍ଚଳରେ ମଧ୍ୟ ବ୍ୟାପିଗଲାଣି। ଯଦିଓ ଭୁବନେଶ୍ୱରରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଅଧିକ ରହିଛି, ଅନ୍ୟ ଜିଲ୍ଲାମାନେ ମଧ୍ୟ ଏଥିରେ ପଛରେ ନାହାନ୍ତି। ଗତବର୍ଷ କଟକ, ବାଲେଶ୍ୱର, ଜଗତସିଂହପୁର, ପୁରୀ, ନୟାଗଡ଼, ସୁନ୍ଦରଗଡ଼ ଜିଲ୍ଲାରେ ସେପଟ୍ଟେମ୍ବର ୩ ତାରିଖ ସୁଦ୍ଧା ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୫୦ଟପି ନ ଥିଲା। ହେଲେ ଚଳିତ ବର୍ଷ ଏସବୁ ଜିଲ୍ଲାରେ ବହୁ ସଂଖ୍ୟାରେ ରୋଗୀ ଚିହ୍ନଟ ହେଲେଣି। ବାଲେଶ୍ୱରରେ ୪୧୩, କଟକ ୪୦୭, ପୁରୀ ୪୪୪, ଜଗତସିଂହପୁର ୨୧୬, ନୟାଗଡ଼ ୧୬୩ ଓ ସୁନ୍ଦରଗଡ଼ରେ ୯୩ ରୋଗୀ ବାହାରିଛନ୍ତି। ଖୋର୍ଧା ଜିଲ୍ଲା ଡେଙ୍ଗୁ ସଂକ୍ରମଣରେ ଆଗରେ ଥିବା ବେଳେ ଜିଲ୍ଲାରୁ ବର୍ତ୍ତମାନ ସୁଦ୍ଧା ୧୫୦୩ ଆକ୍ରାନ୍ତ ଚିହ୍ନଟ ହେଲେଣି। ରାଜ୍ୟରେ ସମୁଦାୟ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୩୮୨୫କୁ ବୃଦ୍ଧି ପାଇଛି। ଗତବର୍ଷ ଏହି ସମୟରେ ରାଜ୍ୟରେ ୨୩୬୭ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। ଗତବର୍ଷ ତୁଳନାରେ ଚଳିତବର୍ଷ ଆକ୍ରାନ୍ତଙ୍କ ସଂଖ୍ୟା ୬୧% ବୃଦ୍ଧି ହୋଇଛି। କ୍ୟାପିଟାଲ ହସ୍ପିଟାଲରେ ଏବେ ଦୈନିକ ୩୦୦-୪୦୦ ନମୁନା ପରୀକ୍ଷା ହେଉଛି। ପରୀକ୍ଷା ନମୁନାରୁ ୫% ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ହସ୍ପିଟାଲରେ ଏବେ ପ୍ରାୟ ୫୦ ରୋଗୀ ଚିକିତ୍ସିତ ହେଉଛନ୍ତି। ମାତ୍ର କ୍ୟାପିଟାଲ ହସ୍ପିଟାଲରୁ ଚାପ କମାଇବା ପାଇଁ ଯେଉଁ ଅନ୍ୟ ୪ଟି ୟୁସିଏଚ୍‌ସିରେ ଶଯ୍ୟାର ବ୍ୟବସ୍ଥା ହୋଇଛି, ତହିଁରେ ରୋଗୀଙ୍କୁ ଦେଖିବାକୁ ମିଳୁନାହିଁ। ଚଳିତବର୍ଷ ଜୁଲାଇ ସୁଦ୍ଧା ଦେଶରେ ୩୬ ଜଣଙ୍କ ଡେଙ୍ଗୁରେ ମୃତ୍ୟୁ ହେଲାଣି। ମାତ୍ର ରାଜ୍ୟରେ ଡେଙ୍ଗୁ ମୃତ୍ୟୁ ଶୂନ ରହିଛି। ବେସରକାରୀ ଭାବେ ରାଜ୍ୟରେ ଚଳିତ ବର୍ଷ ୧୦ଜଣ ଡେଙ୍ଗୁରେ ପ୍ରାଣ ହରାଉଥିବା କୁହାଯାଉଥିଲେ ହେଁ ସ୍ୱାସ୍ଥ୍ୟ ବିଭାଗ ଗୋଟିଏ ହେଲେ ଘୋଷଣା କରିନାହିଁ। ବିଭିନ୍ନ ବାହାନା କରି ଚାପି ଦିଆଯାଉଛି। ୨୦୨୦ ମସିହାରୁ ସ୍ୱାସ୍ଥ୍ୟ ବିଭାଗ ଏହି ପରମ୍ପରା ଜାରି ରଖିଛି। ମ୍ୟାଲେରିଆପ୍ରବଣ କନ୍ଧମାଳ ଜିଲ୍ଲାରେ ଗତ ଦୁଇମାସ ମଧ୍ୟରେ ୧୧ଡେଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ମୋଟ ୪୫୦ ରକ୍ତ ନମୁନା ପରୀକ୍ଷଣ ପରେ ଏହି ରୋଗୀ ଚିହ୍ନଟ ହୋଇଛନ୍ତି। ବିଶେଷକରି ଫୁଲବାଣୀ ପୌରପାଳିକା, ଘୁ.ଉଦୟଗିରି ଏବଂ ବାଲିଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳରେ ପରିମଳ ବ୍ୟବସ୍ଥାକୁ ନେଇ ଚିନ୍ତା ବଢ଼ିଛି।

ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର : ବିଭିନ୍ନ ୩୨ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର, ୦୫/୦୯ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ସୁବର୍ଣ୍ଣପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ ସୁବର୍ଣ୍ଣପୁର ବିମଳେନ୍ଦୁ ରାୟ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୩୨ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିବା ବେଳେ ତନ୍ମଧ୍ୟରେ ୨୭ ଗୋଟି ବ୍ୟକ୍ତିଗତ ଓ ୫ ଗୋଟି ସାମୁହିକ ଦରଖାସ୍ତ ରହିଛି। ଶିବିରରେ ସମସ୍ତ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଶିବିର ଅବସରରେ ଜିଲ୍ଲା ପ୍ରଶାସନ ଓ ସୋନପୁର ବ୍ଲକ ତଥା ଏସଭି ନିରତାର ଓଲଟପୁର ସହାୟତାରେ ଅନୁଷ୍ଠିତ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସହାୟକ ଉପକରଣ ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସହାୟକ ଉପକରଣ ବଂଟନ କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ୫୪ ଜଣ ଭିନ୍ନକ୍ଷମ ଯୋଗ୍ୟ ହିତାଧିକାରୀଙ୍କୁ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ସିଡ଼ିଓ,ଉପଜିଲ୍ଲାପାଳ ସୋନପୁର, ବିଡ଼ିଓ ସୋନପୁର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତଥା ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆବଶ୍ୟକ ଭିନ୍ନକ୍ଷମ ସହାୟକ ଉପକରଣ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ୧୭ ଜଣଙ୍କୁ ହୁଇଲ ଚେୟାର, ୮ ଜଣଙ୍କୁ ୩ ଚକିଆ ସାଇକିଲ, ୧୬ ଜଣଙ୍କୁ ଶ୍ରବଣ ଯନ୍ତ୍ର, ୬ ଜଣଙ୍କୁ ୱାକିଙ୍ଗ ଷ୍ଟିକ, ୫ ଜଣଙ୍କୁ ସ୍ମାର୍ଟ କେନ ଷ୍ଟିକ ପ୍ରଦାନ କରାଯାଇଛି।

ବିଡିଓ ସୋନପୁର, ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ତଥା ଭିନ୍ନକ୍ଷମ ଶିବିରରେ ପି ଡି ଡୁଡା ବିଶ୍ୱନାଥ ବାରିକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ଉପଜିଲ୍ଲାପାଳ ଡ଼.ଇସ୍ପିତା ପ୍ରିୟଦର୍ଶିନୀ ମିଶ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଓ ଚିକିତ୍ସାଧିକାରୀ ଡ଼ଃ. ରମେଶ ଚନ୍ଦ୍ର ସ୍ୱାଇଁ, ଅଧିକ୍ଷଣ ଯନ୍ତ୍ରୀ ଇଂ. ଦାମୋଦର କୈବର୍ତ୍ତ, ଜିଲ୍ଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଜିଲ୍ଲା ପଂଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ଡି.ଏସ.ଏସ.ଓ. ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଡି.ଡବ୍ଲୁ.ଓ. ଅଚ୍ୟୁତାନନ୍ଦ ସିଂ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ତହସିଲଦାର ସୋନପୁର ନବୀନ କିଶୋର ପାଢ଼ୀ, ନିର୍ବାହୀ ଅଧିକାରୀ ପୌର ପରିଷଦ ସୋନପୁର ସୂର୍ଯ୍ୟଂଶୁ ରୁଟ ତଥା ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

ଭାରତ ସରକାରଙ୍କ କେନ୍ଦ୍ରୀୟ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ କେନ୍ଦ୍ରାପଡା ଗସ୍ତ

କେନ୍ଦ୍ରାପଡ଼ା, ୦୫/୦୯ (ନି.ପ୍ର): ଭାରତ ସରକାରଙ୍କ କେନ୍ଦ୍ରୀୟ ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କେନ୍ଦ୍ରାପଡା ଗସ୍ତରେ ଆସି ବିଜେପି ର ବରିଷ୍ଠ ନେତା ଓ ଲୋକ ସଭା କୋର କମିଟି ଓ ୭ ବିଧାନସଭା ର ପ୍ରଭାରୀ ଓ ସଂଯୋଜକ ମାନଙ୍କ ସହ ଆଲୋଚନା କରିଥିବା ଜଣାପଡିଛି । କେନ୍ଦ୍ରୀୟ ଗୃହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ରାୟ ୨୦୨୪ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ସଂଗଠନକୁ ତୃଣମୂଳ ସ୍ତରରୁ ଦୃଢ କରିବା ପାଇଁ ବୁଥ୍ କମିଟି, ପଂଚାୟତ କମିଟି, ମଣ୍ଡଳ କମିଟି ଗଠନ କରିବା ସହ ସମସ୍ତ ମୋର୍ଚ୍ଚା କମିଟି ଗଠନ କରିବା ପାଇଁ କାର୍ଯ୍ୟକର୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିସହିତ କେନ୍ଦ୍ରରେ ବିଜେପି ନେତୃତ୍ୱାଧିନ ସରକାରଙ୍କ ସମସ୍ତ ଜନ କଲ୍ୟାଣକାରୀ ଯୋଜନା ର ଲାଭାର୍ଥୀ ମାନଙ୍କୁ ସଂପର୍କ କରିବା ସହ ପ୍ରତି ବୁଥ୍‌ରେ ଲୋକ ମାନଙ୍କୁ କେନ୍ଦ୍ର ସରକାରଙ୍କ ଉପଲବ୍ଧି ସଂପର୍କରେ ସଚେତନ କରିବାକୁ କହିଥିଲେ। ରାଜ୍ୟର ବିଜେଡି ସରକାର ର ଦୁର୍ନିତି, ଭ୍ରଷ୍ଟାଚାର, ବିଭିନ୍ନ ଯୋଜନାରେ ଦଳୀୟ ମନବୃତି, ପୋଷଣ ଓ କେନ୍ଦ୍ରୀୟ ଯୋଜନାକୁ ହଡପ ଇତ୍ୟାଦି ବିରୋଧରେ ବ୍ୟାପକ ଜନ ଆନ୍ଦୋଳନ କରିବା ପାଇଁ ଦଳୀୟ କାର୍ଯ୍ୟକର୍ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆୟୋଜିତ ଏହି ବୈଠକରେ ଲୋକସଭା ସଂଯୋଜନ ସୁନାକର ବେହେରା, ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ସମେତ ବୈଦନାଥ ଚାଟାର୍ଜୀ, ଦୋଳ ଗୋବିନ୍ଦ ନାୟକ, ରାଜ୍ୟ ପ୍ରବକ୍ତା ଉମାକାନ୍ତ ନାୟକ, ତେଜେଶ୍ୱର ପରିଡା, କଳ୍ପନା ମଲିକ, ଜିଲ୍ଲା ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ ।

ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ

କେନ୍ଦ୍ରାପଡ଼ା, ୦୫/୦୯ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଶ୍ୟାମସୁନ୍ଦରପୁର ପଂଚାୟତ ଅଧିନ ପୁରୁଷୋ ମପୁର ଗ୍ରାମରେ ଶାସନରେ ପଣ୍ଡିତ ହୃଷୀକେଶରଥଙ୍କ ତତ୍ତ୍ୱାବଧାନରେ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୯ ଦିନ ବ୍ୟାପି ପାରାୟଣ, ପୂଜାର୍ଚ୍ଚନା ଓ ସତସଙ୍ଗ, ତଥା ବିଶିଷ୍ଟ କଣ୍ଠଶିଳ୍ପୀ ରବିନ୍ଦ୍ର ନାଥ ମିଶ୍ର, କଳାକାର ପଣ୍ଡା, କ୍ଷୀରୋଦ ଚନ୍ଦ୍ର ନାଥ, ତାବଲା ବାଦକ ଇନ୍ଦ୍ରମଣି ପଣ୍ଡାଙ୍କ ଦ୍ୱାରା ଭଜନ ପରିବେଷଣ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ମନ୍ତ୍ର ମୁଗ୍ଧ କରିଥିଲା । ଏହି ନବଦିନ ବ୍ୟାପି କାର୍ଯ୍ୟକ୍ରମକୁ ଦୀପକ ରଥ, ଦିନେଶ ରଥ ଓ ମାନସ ରଥ ପ୍ରମୁଖ ପରିଚାଳନା କରିଥିଲେ । ଉଦ୍‌ଯାପନ ଉତ୍ସବରେ ପ୍ରଶାନ୍ତ କର, ସରୋଜ କୁମାର ସାହୁ, ପ୍ରଭାବତୀ ସାମନ୍ତରାୟ, ଶୁକଦେବ ଜେନା, ଶ୍ରୀଧର ଭୋଳ, କାର୍ତିକ ଚନ୍ଦ୍ର ମିଶ୍ର,ସତ୍ୟାନନ୍ଦ ଦାସ, ହୃଷୀକେଶ ନନ୍ଦ ଆଖପାଖ ଅଂଚଳର ବହୁ ଗ୍ରାମବାସୀମାନେ ଉପସ୍ଥିତ ରହି ଶ୍ରୀରାମ ଚରିତ ପାରାୟଣ ରେ ଅଂଶ ଗ୍ରହଣ କରିଥିଲେ ।

ଉଦ୍‌ଘାଟନ ଅପେକ୍ଷାରେ ଇନ୍‌ଡୋର୍ ଷ୍ଟାଡିୟମ୍: ସିମେଣ୍ଟ, ଚୂନଲେପ ତଳେ ଲୁଚିଛି କାନ୍ଥର ଫାଟ

ଜଟଣୀ, ୦୫/୦୯ (ନି.ପ୍ର): ବଡ଼ନୂଆଗାଁ ନିକଟ ଆଇଆଇଟି ଛକରେ ରାଜ୍ୟ ସରକାର ୯ କୋଟି ୨୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରିଛନ୍ତି ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍। ନିର୍ମାଣ କାର୍ଯ୍ୟ ଜୁଲାଇ ୩୧ ତାରିଖରୁ ସରିଯାଇଥିବା ବେଳେ ଉଦ୍‌ଘାଟନ ଅପେକ୍ଷାରେ ରହିଛି। ଚଳିତ ମାସ ?ଶେଷ ସୁଦ୍ଧା ଏହି ପ୍ରତୀକ୍ଷିତ ଷ୍ଟାଡିୟମ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବା କୁହାଯାଉଛି। କିନ୍ତୁ ଉଦ୍‌ଘାଟନ ପୂର୍ବରୁ ଏଠାରେ ନମ୍ନମାନର କାମ ହୋଇଥିବା ନେଇ ଅଭିଯୋଗ ଉଠିଲାଣି। ବିଲ୍ଡିଂ କାନ୍ଥରେ ଫାଟ ସୃଷ୍ଟି ହୋଇଥିବା ବେଳେ ସେଥିରେ ସିମେଣ୍ଟ, ଚୂନ ଲେପ ଦିଆଯାଇ ଲୁଚାଯାଇଛି ବୋଲି ଅଭିଯୋଗ ହେଉଛି। ସ୍ଥାନୀୟ କ୍ରୀଡ଼ାପ୍ରେମୀ ମାନଙ୍କ କହିବା କଥା ଜଟଣୀର କ୍ରୀଡ଼ା ଇତିହାସ ବହୁ ପୁରୁଣା। ଏଠାରେ କ୍ରିକେଟ୍, ଫୁଟ୍‌ବଲଠାରୁ ଆରମ୍ଭ କରି ଟେନିସ୍, ବ୍ୟାଡ୍‌ମିଣ୍ଟନ, ଚେସ୍, କ୍ୟାରମ୍ ଆଦି ସବୁ ବର୍ଗର ଖେଳାଳୀ ପୂର୍ବରୁ ଥିଲେ ଏବଂ ଏବେ ବି ଅଛନ୍ତି। ତେଣୁ ଇନ୍‌ଡୋର ଷ୍ଟାଡିୟମ୍ ଜଟଣୀ ପାଇଁ ଏକ ବରଦାନ ସଦୃଶ ହେବ। ଏଭଳି ଏକ ଷ୍ଟାଡିୟମ୍ ନିର୍ମାଣ ହେବା ପରେ ଜଟଣୀର କ୍ରୀଡ଼ାପ୍ରେମୀ ମହଲରେ ଖୁସିର ଲହରି ଖେଳିଯାଇଛି। କିନ୍ତୁ ନିମ୍ନମାନର କାମକୁ ନେଇ ସେମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବିଲ୍‌ଡିଂ କାନ୍ଥରେ ଫାଟ ସୃଷ୍ଟି ହୋଇଛି। ଠିକାଦାର ଫାଟକୁ ଲୁଚାଇବାକୁ ସିମେଣ୍ଟ ଓ ଚୂନ ବୋଳି ଦେଇଛନ୍ତି। ଉଦ୍‌ଘାଟନ ହୋଇନି, ଅଥଚ ଅବସ୍ଥା ଏମିତି। ତେଣୁ ବିଲ୍‌ଡିଂର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଲାଣି। ସରକାର ମହତ ଉଦ୍ଦେଶ୍ୟ ରଖି କୋଟି କୋଟି ଟଙ୍କା ଖର୍ଚ୍ଚ କଲେ, ଅଥଚ କିଛି ଅସାଧୁ ବେପାରୀ ନିମ୍ନମାନର କାମ କରି ଫାଇଦା ଉଠାଇଛନ୍ତି ବୋଲି ସେମାନେ କହିଛନ୍ତି। ଏବେ କାନ୍ଥ କଥା ଜଣାପଡ଼ିଛି, କାଲି ହୁଏତ ଭିତରେ ଅନେକ କିଛି କାମେ ତ୍ରୁଟି ନଥିବ ବୋଲି କିଏ ନିଶ୍ଚିତ କରିବ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ତେଣୁ ଉଦ୍‌ଘାଟନ ପୂର୍ବରୁ ଏହି ଷ୍ଟାଡିୟମ୍ ନିର୍ମାଣ କାମର ବିଧିବଦ୍ଧ ଯାଞ୍ଚ କରାଯାଉ ବୋଲି ଦାବି ହୋଇଛି। ସେହିଭଳି ଫୁଟ୍‌ବଲ୍ ଓ କ୍ରିକେଟ୍ ଭଳି କ୍ରୀଡ଼ାର ବିକାଶ ପାଇଁ ଶରତ ପାଇକରାୟ ଷ୍ଟାଡିୟମ୍‌କୁ ମଧ୍ୟ ନବୀକରଣ କରାଯାଉ ବୋଲି ବହୁ କ୍ରୀଡ଼ାପ୍ରେମୀ ଦାବି କରିଛନ୍ତି।

କନ୍ଧମାଳକୁ ରେଳପଥ ମାନଚିତ୍ରରୁ ବାଦ୍, ମିଳିତ କ୍ରିୟାନୁଷ୍ଠାନ କମିଟି ଗଠନ, ରେଳ ନହେଲେ ଆନ୍ଦୋଳନ

କନ୍ଧମାଳ, ୦୫/୦୯ (ନି.ପ୍ର): ବିଳମ୍ବରେ ହେଲେ ବି ଫୁଲବାଣୀକୁ ରେଳ ସଂଯୋଗ ହେବ, ଗୋପାଳପୁରରୁ ସମ୍ବଲପୁର ରେଳ ଲାଇନ ଆସିକା, ଭଞ୍ଜନଗର, ଫୁଲବାଣୀ ଦେଇଯିବ ବୋଲି ଘୋଷଣା ହୋଇଥିଲା। ଫଳରେ କନ୍ଧମାଳ ଲୋକେ ସୁବିଧାରେ ଯିବା ଆସିବା କରିବା ସହ ମାଲ୍ ପରିବହନ ଦ୍ୱାରା ଅଂଚଳର ଅର୍ଥନୈତିକ ବିକାଶ ହେବ ବୋଲି ଲୋକେ ବେଶ୍ ଖୁସି ହୋଇଥିଲେ। ହେଲେ ପୁଣି କୌଣସି କାରଣରୁ ଏବେ ଏହି ରେଳ ଲାଇନ ଫୁଲବାଣୀ ଦେଇ ଯିବନାହିଁ ବୋଲି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଛି। ଏ ନେଇ ରବିବାର ସ୍ଥାନୀୟ ବନାନୀ କଳା ସଙ୍ଗମ ଠାରେ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସଭାପତି କମଳାକାନ୍ତ ପାଣ୍ଡେ ଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମିଳିତ ନାଗରିକ ମଂଚ ସଭାପତି ତଥା ବରିଷ୍ଠ ସାମ୍ବାଦିକ ଡଃ. ଅରୁପ ଜେନା, ଓକିଲ ସଂଘ ସଭାପତି ଭଗବାନ ମହାନ୍ତି, ଫୁଲବାଣୀ କୁଇ ସାମାଜ ସମ୍ପାଦକ ଅବନୀ କହଁର, ମିଡିଆ ଫୋରମ ସଭାପତି ସନ୍ତୋଷ ଦିଗାଲ, ଆଇନଜିବି ବିଜୟ ପଟ୍ଟନାୟକ, ସତ୍ୟପ୍ରିୟ ମହାନ୍ତି, ବରିଷ୍ଠ ଆଇନଜିବି ପ୍ରତାପ ପାତ୍ର, ଅଶୋକ କୁମାର ବେହେରା, ପ୍ରେସ କ୍ଲବ ସଭାପତି ସୁନୀଲ ପଟ୍ଟନାୟକ ପ୍ରମୂଖ ଯୋଗଦେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ସରକାର ପୂର୍ବ ପରି ଫୁଲବାଣୀ ଦେଇ ରେଳପଥ ନିର୍ମାଣ କରିବା ପାଇଁ ଦାବି କରିଥିଲେ। ନଚେତ୍ ଆନ୍ଦୋଳନ ଜୋରଦାର୍ ହେବ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ରେଳ ବିଭାଗ କର୍ତ୍ତୃପକ୍ଷ, ରାଜ୍ୟ ସରକାର, କେନ୍ଦ୍ର ରେଳମନ୍ତ୍ରୀ, ସ୍ଥାନୀୟ ସାଂସଦଙ୍କୁ ପତ୍ର ଦ୍ୱାରା ଅବଗତ କରାଯିବ। ଆଉ ଦାବୀ ପୂରଣ ନହେଲେ ଗଣ ଧାରଣା, ରାଲି, ବିକ୍ଷୋଭ ପ୍ରଦର୍ଶନ ସହ ଜିଲା ବନ୍ଦ କରିବା ପାଇଁ ଡାକରା ଦିଆଯିବା ଭଳି କାର୍ଯ୍ୟକ୍ରମ ମାନ ହାତକୁ ନିଆଯିବ ବୋଲି କୁହାଯାଇଛି। ଆନ୍ଦୋଳନକୁ ଜୋରଦାର୍ କରିବା ପାଇଁ ଏକ କ୍ରିୟାନୁଷ୍ଠାନ କମିଟି ମଧ୍ୟ ଗଠନ କରାଯାଇଛି। କମିଟିର ଅଧକ୍ଷ ଭାବେ କମଳାକାନ୍ତ ପାଣ୍ଡେ ଥିବାବେଳେ ଅରୂପ ଜେନା, ଭଗବାନ ମହାନ୍ତି, ବିଜୟ ପଟ୍ଟନାୟକ, ଅବନୀ କହଁର, ପ୍ରତାପ ପାତ୍ର, ସୁନୀଲ ପଟ୍ଟନାୟକ, ସନ୍ତୋଷ ଦିଗାଲ୍, ଅଶୋକ ବେହେରା, ଅଶୋକ ପରିଡା, ପ୍ରଣବ ମଣ୍ଡଳ ପ୍ରମୂଖ ଅଛନ୍ତି। ପରବର୍ତୀ ସମୟରେ ଜିଲାରେ ଥିବା ବିଭିନ୍ନ ସଂଗଠନର ପ୍ରତିନିଧି ମାନଙ୍କୁ କମିଟିରେ ସାମିଲ କରିବା ପାଇଁ ନିଷ୍ପତି ହୋଇଛି। ବରିଷ୍ଠ ନାଗରିକ ନବୀନ କିଶୋର୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ବିଭିନ୍ନ ସଂଗଠନର କର୍ମକର୍ତା ମାନେ ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

ବିସ୍ଥାପିତ କରି ଭୁଲିଗଲେ ସରକାର: ଦୁଇଟି ବ୍ଲକ୍‌ର ବାସଚ୍ୟୁତଙ୍କୁ ମିଳିନି ଜମି ପଟ୍ଟା

ଲମତାପୁଟ, ୦୫/୦୯ (ନି.ପ୍ର): ମାଛକୁଣ୍ଡ ଓ ଜଲ୍ଲାପୁଟରେ ବିଦ୍ୟୁତ୍ ଓ ସେଚ ପ୍ରକଳ୍ପ ପାଇଁ କୋରାପୁଟ ଜିଲ୍ଲା ଲମତାପୁଟ ଏବଂ ନନ୍ଦପୁର ବ୍ଲକ୍‌ର ୧୫



ଘୁଙ୍ଗୁଡ଼ି

ଘୁଙ୍ଗୁଡ଼ି କଥା କହିଲେ ଅନେକଙ୍କର ଚିଙ୍ଗୁଡ଼ି କଥା ମନେପଡ଼େ । ଏତିକିବେଳେ ମନେପଡ଼େ ଗୋପବନ୍ଧୁଙ୍କ ସେଇ ହାସ୍ୟରସାତ୍ମକ ଧାଡ଼ିଟି 'ହଇହେ ଚିଙ୍ଗୁଡ଼ି କାହିଁ, ଘୁଙ୍ଗୁଡ଼ି ମାରିବା କାହାକୁ ଖାଇ ।' ଏଠି 'ଘୁଙ୍ଗୁଡ଼ି'ର ଅର୍ଥ ହେଲା ସୁଖନିଦ୍ରା ଯିବା । ବାସ୍ତବରେ କିନ୍ତୁ ଘୁଙ୍ଗୁଡ଼ିର କାମ ହେଲା ଅନ୍ୟର ସୁଖନିଦ୍ରା ଭାଙ୍ଗିଦେବା । କେବଳ ଅନ୍ୟର ନୁହେଁ, ନିଜର ସୁଖନିଦ୍ରାରେ ମଧ୍ୟ ଏହା ବ୍ୟାଘାତ ଘଟାଇଥାଏ । ନିଦ୍ରାରେ ବିକାର ଘୁଙ୍ଗୁଡ଼ିର ଅନ୍ୟତମ କାରଣ ।

ଘୁଙ୍ଗୁଡ଼ି ମାରିବା ଏକ ସାଧାରଣ ସମସ୍ୟା । ଏହା ଯେକୌଣସି ବ୍ୟକ୍ତି କ୍ଷେତ୍ରରେ ଦେଖା ଦେଇପାରେ । ଆମର ଅଜ୍ଞାତରେ କେବେ କେବେ ଆମେ ବି ଘୁଙ୍ଗୁଡ଼ି ମାରୁ । ଅନ୍ୟମାନେ କହିବା ପରେ ଯାଇ ବିଶ୍ୱାସ କରୁ । ତେବେ ଏହା ସାମୟିକ ହେଲେ କିଛି ଅସୁବିଧା ନାହିଁ । ମାତ୍ର କେତେକ କ୍ଷେତ୍ରରେ ଏହି ସମସ୍ୟା ଲାଗି ରହେ । ସେତେବେଳେ ଏହାକୁ ଅଣଦେଖା କରିବା ଉଚିତ ନୁହେଁ । ଘୁଙ୍ଗୁଡ଼ିର ମୂଳକାରଣ ହେଲା ଶ୍ୱସନ ନଳୀରେ ପ୍ରତିବନ୍ଧକ । ଜଣେ ଚେଇଁଥିବା ଅବସ୍ଥାରେ ସବୁକିଛି ଠିକ୍‌ଠାକ ଥାଏ । ମାତ୍ର ଶୋଇଯିବା ପରେ ଘୁଙ୍ଗୁଡ଼ି ଆରମ୍ଭ ହୋଇଯାଏ । ଏହି ସମୟରେ ଶରୀରର କିଛି ଅଂଶ ନିଷ୍କ୍ରିୟ ହୋଇଯାଏ । ଶୋଇବା ସମୟରେ

ଆମର ଶ୍ୱାସିନଳୀ ଏବଂ ଗଳାର ଅନ୍ୟାନ୍ୟ ମାଂସପେଶୀ ଭିତର ଆଡ଼କୁ ମୋଡ଼ି ହେଇ ରହେ । ଏହାଦ୍ୱାରା ନିଃଶ୍ୱାସ ପ୍ରଶ୍ୱାସ ନେବା ବେଳେ ଭିତରକୁ ଯା'ଆସ କରୁଥିବା ବାୟୁର ପଥରେ ବାଧା ସୃଷ୍ଟି ହୋଇଥାଏ । ଭିତରକୁ ମୋଡ଼ି ହୋଇ ରହିଥିବା ଶ୍ୱାସନଳୀରେ ଏହା ସିଧାସଳଖ ଯାଆସ କରିପାରେ ନାହିଁ । ଏହି ସମୟରେ ଏପରି ଏକ ଶବ୍ଦ ସୃଷ୍ଟିହୁଏ ଯାହାକୁ ଆମେ ଘୁଙ୍ଗୁଡ଼ି ବେପାଲି କହୁ । ଘୁଙ୍ଗୁଡ଼ି ପାଖରେ ଶୋଇଥିବା ଲୋକର ନିଦ ଭାଙ୍ଗିଦିଏ । ଏପରିକି ଆଦୌ ନିଦହୁଏ ନାହିଁ ।

ଧୂମପାନ, ନିଦ ବଟିକା ସେବନ, ଗଳାରେ କୋଣସି ସମସ୍ୟା ଏବଂ ଭିତରାର ଆଉ କେତେକ ସମସ୍ୟା ପାଇଁ ଘୁଙ୍ଗୁଡ଼ି ଆସିଥାଏ । ଏହାର ଭିନ୍ନ ଭିନ୍ନ ସମାଧାନ ପନ୍ଥା ରହିଛି । ନିଜକୁ ମଧ୍ୟ କେତେକ ଦିଗ ପ୍ରତି ସଚେତନ ରହିବାକୁ ପଡ଼ିବ । ଏଇ ଯେମିତି ନିଜର ଓଜନ ବୃଦ୍ଧି ପାଉଥିଲେ ତାକୁ ନିୟନ୍ତ୍ରଣକୁ ଆଣନ୍ତୁ । ଓଜନ ବୃଦ୍ଧି ବା ମୋଟାପଣ ଅନ୍ୟାନ୍ୟ ଅନେକ ରୋଗର କାରଣ ହେବା ସହ ଘୁଙ୍ଗୁଡ଼ିର ମଧ୍ୟ କାରଣ ହୋଇଥାଏ । ନିଦର ବିକାର ମଧ୍ୟ ଘୁଙ୍ଗୁଡ଼ିର କାରଣ ହୋଇଥାଏ । ଅବଷ୍ଟ୍ରକଟିଭ ସ୍ଲିପ୍ ଅପନିଆ (ଓଏସଏ) ହେଉଛି ନିଦର ଏକ ବିକାର । ଏହାଦ୍ୱାରା ଠିକ୍ ଭାବେ ନିଃଶ୍ୱାସ ପ୍ରଶ୍ୱାସ ନେଇହୁଏ ନାହିଁ । ଏ ସମ୍ପର୍କରେ ଡାକ୍ତର କେ.କେ.ଅଗ୍ରୱାଲ କହନ୍ତି "ଅପନିଆ କିମ୍ବା ହାଇପୋପେନିଆ କାରଣରୁ ଶ୍ୱାସକ୍ରିୟାରେ ବ୍ୟାଘାତ ସୃଷ୍ଟି ହୁଏ । ନାସାରନ୍ଧ୍ର ଦେଇ ପବନ କମ୍ ଯା'ଆସ କରେ । ଏହାଦ୍ୱାରା ଅକ୍ସିଜେନ୍ କମ୍ ହେଇଯାଏ ଏବଂ କାର୍ବନ ଡାଇଅକସାଇଡ୍ ବୃଦ୍ଧି ପାଇଥାଏ । ଓଏସଏ ପରି ସମସ୍ୟା ଦିନରେ ଶୋଇବା କାରଣରୁ ମଧ୍ୟ ହୋଇଥାଏ ।

ଯାଯାରେ ଘୁଙ୍ଗୁଡ଼ି: ଘୁଙ୍ଗୁଡ଼ି ନିଜ ପାଇଁ ଯେପରି ଏକ ସମସ୍ୟା ପାଖରେ ଶୋଇଥିବା ଅନ୍ୟଲୋକ ପାଇଁ ମଧ୍ୟ ସେପରି ଏକ ସମସ୍ୟା । ଆପଣଙ୍କୁ ଯଦି ଘୁଙ୍ଗୁଡ଼ି ପାଇଁ ଅନେକ ସମସ୍ୟା ଭୋଗିବାକୁ ପଡୁଛି ତେବେ ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ଆଦୌ ଭୁଲନ୍ତୁ ନାହିଁ । ମେଡ଼ିକବାଲ ସାଇନ୍ସରେ ଦିନକୁ ଦିନ ନୂଆ ନୂଆ ଗବେଷଣା ଯୋଡ଼ି ହେବାରେ ଲାଗିଛି । କେଉଁ କାରଣରୁ ଘୁଙ୍ଗୁଡ଼ି ତାହା ଜାଣିବା ପରେ ଏଥିରୁ ରକ୍ଷା ପାଇବା ପାଇଁ ଉପଯୁକ୍ତ ଚିକିତ୍ସା ପଦ୍ଧତି ଡାକ୍ତର ହିଁ ବତାଇ ପାରିବେ । ଆହୁରି ମଧ୍ୟ ଶ୍ୱାସନଳୀକୁ ସଂକ୍ରମଣ ମୁକ୍ତ ରଖିବା ପାଇଁ ଏବଂ ଶ୍ୱାସକ୍ରିୟାରେ ସ୍ୱତନ୍ତ୍ର ମାସ୍କ ମିଳୁଛି, ତାକୁ ବ୍ୟବହାର କରିପାରିବେ । ତେବେ ଘୁଙ୍ଗୁଡ଼ି ପାଇଁ କିଛି ଘରୋଇ ଉପଚାର ମଧ୍ୟ ରହିଛି । ସେସବୁ ମାନି ଚଳିବା ମଧ୍ୟ ଦରକାର ।

ଘୁଙ୍ଗୁଡ଼ି ରୋକିବା ପାଇଁ ଗୋଟେ ଗ୍ଲାସ ଉଷୁମ ପାଣିରେ ତିନି ଚାମଚ ଡାଳଚିନି ଗୁଣ୍ଡ ମିଶାଇ ପିଇବା ଦରକାର ।

- ରାତିରେ ଶୋଇବାକୁ ଯିବା ପୂର୍ବରୁ ଅତିକମରେ ଗୋଟେ କପ୍ କ୍ଷୀର ପିଇବା ଦ୍ୱାରା ଏହାକୁ ରୋକାଯାଇ ପାରିବ ।

- ସାଇନ୍ସ ସମସ୍ୟା ଥିଲେ ମଧ୍ୟ ଘୁଙ୍ଗୁଡ଼ି ଆସେ । ଘୁଙ୍ଗୁଡ଼ି ହୃଦରୋଗ ସହ ମଧ୍ୟ ସମ୍ବନ୍ଧିତ । ତେଣୁ ହୃଦରୋଗ କି ସାଇନ୍ସ ସମସ୍ୟାରେ ପୀଡ଼ିତ ବ୍ୟକ୍ତି ଚିକିତ୍ସକଙ୍କ ପରାମର୍ଶ ନେବା ଉଚିତ ।

ଅଧିକ ଧୂମପାନ କରନ୍ତୁ ନାହିଁ । ଏହା କ୍ୟାନସରର କାରଣ ହେବା ସହିତ ସ୍ଲିପିଂ ଡିଜ୍‌ଅର୍ଡ଼ର୍ ବା ସ୍ଲିପ ଅପନିଆର କାରଣ ହୋଇଥାଏ । ଧୂମପାନ ଦ୍ୱାରା ଧୂଆଁ ସିଧା ଆମର ଫୁସ୍‌ଫୁସ୍‌କୁ ଯାଏ । ଏହାଦ୍ୱାରା ଫୁସ୍‌ଫୁସ ଦୁର୍ବଳ ହୋଇଯାଏ । ତାକୁ ଯଥେଷ୍ଟ ଅମ୍ଳଜାନ ମିଳେନାହିଁ । ଏହାଦ୍ୱାରା ଶ୍ୱାସଜନିତ ସମସ୍ୟା ବଢ଼େ ଏବଂ ନିଃଶ୍ୱାସ ନେବା ବେଳେ ଏଭଳି ଶବ୍ଦ ବାହାରେ ।

ଯଥେଷ୍ଟ ପାଣି ପିଅନ୍ତୁ । ଏହା ଶରୀରରୁ ଶୁଷ୍କତା ଦୂର କରେ । ଶରୀରରେ ଜଳୀୟ ଅଂଶ କମିଗଲେ ଆମର ଶ୍ୱାସନଳୀ ଶୁଷ୍କ ହୋଇଯାଏ । ତେଣୁ ଶ୍ୱାସକ୍ରିୟା ବେଳେ ଘୁଙ୍ଗୁଡ଼ିର ଶବ୍ଦ ବାହାରେ । ଏଥିପାଇଁ ପ୍ରତିଦିନ ଆଠ ଗ୍ଲାସ ପାଣି ପିଇବା ଦରକାର ।

-ମୁହଁ ଉପରକୁ କରି ଶୁଅନ୍ତୁ ନାହିଁ । ପେଟ ମାଡ଼ି ଶୁଅନ୍ତୁ କିମ୍ବା କଡ଼ ମାଡ଼ି ଶୁଅନ୍ତୁ । ଏଭଳି ଶୋଇବା ଦ୍ୱାରା ଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହୁଏନାହିଁ । ଘୁଙ୍ଗୁଡ଼ି ବାହାରେ ନାହିଁ କି ନିଦ ବାରମ୍ବାର ଭାଙ୍ଗେନାହିଁ । ଘୁଙ୍ଗିଜନିତ ବିପଦ ମଧ୍ୟ ଟଳି ଯାଇଥାଏ ।

ଅତ୍ୟଧିକ ଓଜନ ବୃଦ୍ଧି ମଧ୍ୟ ଘୁଙ୍ଗୁଡ଼ିର କାରଣ ହୋଇଥାଏ । ଏ କ୍ଷେତ୍ରରେ ଯୋଗ, ବ୍ୟାୟାମ ଆଦି ଦ୍ୱାରା ପ୍ରଥମେ ନିଜର ଓଜନ କମାନ୍ତୁ ।

ସକାଳୁ ଉଠି ଅନୁଲୋମ ବିଲୋମ ପ୍ରାଣାୟମ କରନ୍ତୁ । ଏହାଦ୍ୱାରା ଶ୍ୱାସକ୍ରିୟା ଜନୀତ ସମସ୍ୟା ଦୂର ହୋଇଥାଏ । ଫୁସଫୁସର କ୍ଷମତା ବୃଦ୍ଧି ପାଇଥାଏ ଏବଂ ଏହା ପୂର୍ବ ଅପେକ୍ଷା ଅଧିକ କୁଶଳତାର ସହ କାର୍ଯ୍ୟ କରିଥାଏ ।

ଶୋଇବା ସମୟରେ ମୁଣ୍ଡକୁ ଅଳ୍ପ ଉଠାଇ ରଖିବା ପରି ଭଲ ତକିଆ ବ୍ୟବହାର କରନ୍ତୁ ।



ମନକୁ ଶାନ୍ତ ରଖନ୍ତୁ । ଶୋଇବାକୁ ଯିବା ପୂର୍ବରୁ ନାକରେ ଦୁଇବୁନ୍ଦା ସୋରିଷ ତେଲ ମଧ୍ୟ ପକାଇ ପାରନ୍ତି ।

ଘୁଙ୍ଗୁଡ଼ିକୁ ନେଇ ଗବେଷଣା:

ଘୁଙ୍ଗୁଡ଼ିକୁ ନେଇ ଗବେଷଣାରୁ ଜଣାଯାଇଛି ଯେ, ଏହି ସମସ୍ୟା ମହିଳା ଏବଂ ବୟସ୍କ ପୁରୁଷ ଉଭୟଙ୍କ ଠାରେ ଦେଖିବାକୁ ମିଳେ । ୪୦ ପ୍ରତିଶତ ମହିଳା ଏବଂ ୩୦ ପ୍ରତିଶତ ବୟସ୍କ ପୁରୁଷଙ୍କ ଠାରେ ଘୁଙ୍ଗୁଡ଼ି ସମସ୍ୟା ରହିଛି । ପ୍ରାୟ ୮୦ ବର୍ଷ ବୟସ ପର୍ଯ୍ୟନ୍ତ ପୁରୁଷ ଏବଂ ୫୦ବର୍ଷ ବୟସ ପର୍ଯ୍ୟନ୍ତ ମହିଳା ଘୁଙ୍ଗୁଡ଼ି ଆକ୍ରାନ୍ତ ହୁଅନ୍ତି ।

ସବୁପରେ ଆପଣ ଯଦି ଘୁଙ୍ଗୁଡ଼ିରୁ ମୁକ୍ତି ଚାହାନ୍ତି ତେବେ ଆପଣଙ୍କ ନାକକୁ ସଫା ରଖନ୍ତୁ । ଅର୍ଥାତ୍ ଯେପରି ଆପଣଙ୍କ ଶ୍ୱାସକ୍ରିୟାରେ କୌଣସି ବାଧା ନ ଜୁଏ ସେଥିପ୍ରତି ସଚେତନ ରୁହନ୍ତୁ । ପାଟିମେଲାକରି ଶୁଅନ୍ତୁ ନାହିଁ । ଏହା ଘୁଙ୍ଗିଡ଼ିର କାରଣ ହୋଇତାଏ । ମିଛ ବି କୁହନ୍ତୁନି । ଏହା ଆପଣଙ୍କ ମନକୁ ଅଶାନ୍ତ ରଖେ, ଭଲ ନିଦହୁଏ ନାହିଁ, ଘୁଙ୍ଗୁଡ଼ି ଆସେ । ତେବେ ଚିଙ୍ଗୁଡ଼ି ଖାଇବା ନଖାଇବା ଆପଣଙ୍କ ଉପରେ ନିର୍ଭର କରେ । ଏଥିସହ ଘୁଙ୍ଗୁଡ଼ିରେ କିନ୍ତୁ କୌଣସି ସମ୍ବନ୍ଧ ନାହିଁ ।

ଶିଶୁ ଧରିପାରିବେ ଭୁଲ୍

ଭୁଲ କଥା ବିଷୟରେ ଜାଣିବାକୁ ବୟସ ଏବଂ ଜ୍ଞାନ ସେହିଭଳି ହୋଇଥିବା ଦରକାର । କିନ୍ତୁ ଜଣେ ଶିଶୁ କ'ଣ ଭୁଲ୍ ବିଷୟରେ ସୂଚନା ଦେଇପାରିବ ? ଏକଥା ହୁଏତ ଅନେକଙ୍କୁ ଆଶ୍ଚର୍ଯ୍ୟ କରିପାରେ, ହେଲେ ତାହା ସତ । ଏ ସମ୍ପର୍କରେ ଏକ ସଦ୍ୟତମ ଗବେଷଣାର ସୂଚନା ମିଳିଛି । ସିଙ୍ଗାପୁରସ୍ଥିତ ନାନୟାଙ୍ଗ ଟେକ୍ନୋଲୋଜିକାଲ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ମାତ୍ର ଅଢ଼େଇବର୍ଷରୁ କମ ବୟସ୍କ ଶିଶୁଙ୍କୁ ଅନ୍ତର୍ଭୁକ୍ତ କରିଥିଲେ । ସେମାନଙ୍କୁ କେତେକ ଭୁଲ୍ କଥା କହିବା ସମୟରେ ସେମାନେ ତାହାକୁ ଧରିପାରିଥିଲେ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ବିଭିନ୍ନ କଥା ଶୁଣିବା ସମୟରେ ସେମାନଙ୍କ ମଧ୍ୟରୁ କେତେକ ପ୍ରତିଟି କଥାକୁ ଧ୍ୟାନର ସହ ଶୁଣିଥାଆନ୍ତି । ଭୁଲ କଥା ଶୁଣିବା ପରେ କେତେକ ପ୍ରତିକ୍ରିୟାଶୀଳ ହୋଇଥାଆନ୍ତି ବୋଲି ମନୋବିଜ୍ଞାନୀମାନେ ପ୍ରକାଶ କରିଛନ୍ତି । ଅପରପକ୍ଷରେ ଏହା ସମ୍ପୂର୍ଣ୍ଣ ଭାବରେ ସେମାନଙ୍କର ମାନସିକ ବିକାଶ ଉପରେ ହିଁ ନିର୍ଭର କରିଥାଏ ।

ମାନସିକ ସୁସ୍ଥତା



ମାନସିକ ସୁସ୍ଥତା କ'ଣ: ସ୍ୱାସ୍ଥ୍ୟ ସାଧାରଣତଃ ଶାରୀରିକ ବିଷୟ ବସ୍ତୁକୁ ହିଁ ବୁଝାଇଥାଏ । ତେଣୁ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଲୋକମାନେ ମୁଖ୍ୟତଃ ଶରୀର ଉପରେ ହିଁ ବେଶି ଧ୍ୟାନ ଦେଇଥାନ୍ତି । ମାତ୍ର ସ୍ୱାସ୍ଥ୍ୟର ସମ୍ପୂର୍ଣ୍ଣ ରୂପରେଖ ସହ ମଣିଷର ମାନସିକ ଓ ସାମାଜିକ ସ୍ଥିତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ମାନସିକ ସୁସ୍ଥତା ସମ୍ପର୍କରେ ଲୋକମାନଙ୍କ ମଧ୍ୟରେ ଆବଶ୍ୟକ ସୂଚନାର ଅଭାବ ପରିଲକ୍ଷିତ ହୁଏ ।

ଉତ୍ତମ ମାନସିକ ସ୍ୱାସ୍ଥ୍ୟ ମଣିଷର କେତେକ ବିଶେଷ ଗୁଣର ସମାହାର ଅଟେ ଯେମିତିକି (୧) ଅନ୍ୟକୁ ଭଲ ପାଇବା ଓ ଅନ୍ୟମାନଙ୍କ ଭଲ ପାଇବା ପାଇଁ ନିଜକୁ ପ୍ରସ୍ତୁତ ରଖିବା(୨) ଜୀବନରେ କୌଣସି ପରିବର୍ତ୍ତନକୁ ବିନା ଭୟରେ ସାମ୍ନା କରିବା(୩), ହାରିଯିବାର ଚିନ୍ତାରେ ସବୁବେଳେ ବ୍ୟସ୍ତ ନରହି ସବୁ କାମରେ ଉଦ୍ୟମ କରିବାର କ୍ଷମତା ରଖିବା, (୪) ନିଜର ସ୍ଥିତି, ପରିପାର୍ଶ୍ୱ ଓ ବାସ୍ତବତା ସମ୍ପର୍କରେ ଆବଶ୍ୟକ ଜ୍ଞାନ ରଖିବା(୫) ନିଜ ଭୁଲ ବୁଝିବାର ସତ୍ ସାହସ ରଖିବା(୬) ବନ୍ଧୁ ଓ ପଡ଼ୋଶୀମାନଙ୍କ ସହ ସାବଲୀଳ ସମ୍ପର୍କ ରଖିବା, (୭) ନିଜର ସିଦ୍ଧାନ୍ତ ନିଜେ ନେଇ ପାରିବାର କ୍ଷମତା ରଖିବା ।

ଅନ୍ୟ ପ୍ରାଣୀଙ୍କ ତୁଳନାରେ ମଣିଷର ବଂଚି ରହିବାର ଏସବୁ ଅନୁଭୂତି ଓ ସାମର୍ଥ୍ୟ ଅତ୍ୟନ୍ତ ଆବଶ୍ୟକ । କେବଳ ଖୁସିରେ ରହିବାକୁ ମାନସିକ ସୁସ୍ଥତା କୁହାଯାଏ ନାହିଁ । ବରଂ କଠିନ ଓ ଚିନ୍ତାଜନକ ପରିସ୍ଥିତିରେ ନିଜକୁ ସମ୍ଭାଳନେଇ ପାରିବାର କ୍ଷମତା ହିଁ ମାନସିକ ସୁସ୍ଥତା ପାଇଁ କ'ଣ କରିବେ ।

- ଶାରୀରିକ ପରୀଶ୍ରମ ପରେ ବିଶ୍ରାମ ନେଲାପରି ମନକୁ ମଧ୍ୟ ବିଶ୍ରାମ ଦରକାର ପଡ଼େ । ତେଣଉ ମାନସିକ ପରିଶ୍ରମ ବା ବ୍ୟସ୍ତତା ପରେ କିଛି ସମୟ ମନକୁ ଖୋଲା ଛାଡ଼ିଦେବା ଆବଶ୍ୟକ ।

- ଛୁଟୀଦିନରେ ଦୈନନ୍ଦିନ ଜଞ୍ଜାଳରୁ ନିଜକୁ ସମ୍ପୂର୍ଣ୍ଣ ଭାବେ ଦୂରେଇ ରଖନ୍ତୁ ଏବଂ ସମ୍ଭବ ହେଲେ ପରବାର ସହିତ ବାହାରକୁ ବୁଲିବାକୁ ଯାଆନ୍ତୁ ।

- ଅବସର ସମୟରେ ନିଜକୁ ଭଲ ଲାଗୁଥିବା କାମରେ ବ୍ୟସ୍ତ ରଖନ୍ତୁ ।

- ଏକ ସମୟରେ ଦେଖାଯାଉଥିବା ସମସ୍ୟା ସବୁକୁ ଗୋଟିଏ ପରେ ଗୋଟିଏ କରି ସମାଧାନ କରିବାକୁ ଚେଷ୍ଟା କରନ୍ତୁ ।

- ଅସୁବିଧା ସମୟରେ ଅନ୍ୟମାନଙ୍କର ସାହାଯ୍ୟ ନେବାକୁ କୁଣ୍ଠାବୋଧ କରନ୍ତୁ ନାହିଁ ।

- ଉପଯୁକ୍ତ ଶାରୀରିକ ବ୍ୟାୟାମ ଓ ଯୋଗ ମଧ୍ୟ କରନ୍ତୁ । କାରଣ ସୁସ୍ଥ ଶରୀରରେ ହିଁ ସୁସ୍ଥ ମନଟିଏ ରହିପାରିବ । ନିଜର ଆତ୍ମବିଶ୍ୱାସ ବି ସୁସ୍ଥ ଶରୀରଟିଏ ନିତାନ୍ତ ଜରୁରୀ ।

-ପୁଷ୍ଟିକର ଖାଦ୍ୟ ଠିକ୍ ସମୟରେ ଖାଆନ୍ତୁ । କାରଣ ବିଭିନ୍ନ ଭିଟାମିନ ଅଭାବରେ ମାନସିକ ଅସୁସ୍ଥତା ଦେଖାଯାଇପାରେ । ଅଧିକ ଉତ୍ତେଜକ ଖାଦ୍ୟ ବା ପାନୀୟ ଏବଂ ନପିଶା ସେବନ ଦ୍ୱାରା ମାନସିକ ସନ୍ତୁଳନ ନଷ୍ଟ ହୋଇ ବିଭିନ୍ନ ପ୍ରକାରର ମାନସିକ ସମସ୍ୟା ଦେଖାଯାଇପାରେ ।

- ବ୍ୟସ୍ତ ଜୀବନରେ କିଛି ସମୟ ବାହାର କରି ଆତ୍ମ ନିରୀକ୍ଷଣ ଓ ବିଶ୍ଳେଷଣ କରନ୍ତୁ । ଏହାଦ୍ୱାରା ନିଜ ମନର ଅବସ୍ଥାକୁ ଠିକ୍ ବୁଝିହେବ । ଏସବୁ ଉପାୟ ଅବଲମ୍ବନ ଦ୍ୱାରା ମନକୁ ଦୃଢ଼ ଓ ନିରୋଗ ରଖାଯାଇ ପାରିବ । ଯାହାଦ୍ୱାରା ସାମାଜିକ, ପାରିବାରିକ ଓ କାର୍ଯ୍ୟକ୍ଷେତ୍ରରେ ଯଥେଷ୍ଟ ସଫଳତା ଲାଭ କରିହେବ ।

ଅଧିକ ପାଣି ପିଇବା ଅସୁସ୍ଥ ବ୍ୟକ୍ତିଙ୍କ ପାଇଁ କ୍ଷତିକାରକ

ପାଣି ହିଁ ଜୀବନ । ଏହାକୁ କେହି ଏଡ଼ାଇ ଦେଇପାରିବେ ନାହିଁ । ଆମେ ପ୍ରତିଦିନ ଅତି କମରେ ୩/୪ଲିଟର ପାଣି ପିଇବା ଦରକାର । କିନ୍ତୁ ଜଣେ ଅସୁସ୍ଥ ବ୍ୟକ୍ତି ପାଣି ପିଇବା ପ୍ରତି ସତର୍କ ରହିବା ଦରକାର । କାରଣ ଏହି ସମୟରେ ଆବଶ୍ୟକତା ଠାରୁ ଅଧିକ ପାଣି ପିଇଲେ ତାହା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ । ଏଭଳି ତଥ୍ୟ ଲୋକଲୋଚନକୁ ଆଣିଛନ୍ତି ଦକ୍ଷିଣ



ଲଣ୍ଡନସ୍ଥିତ କିଙ୍ଗ କଲେଜ ହସପିଟାଲର ବିଶେଷଜ୍ଞମାନେ । ଏକ ପରିସ୍ରା ସଂକ୍ରମଣ (ୟୁରିନ୍ ଇନଫେକଶନ) ରୋଗୀର ଚିକିତ୍ସା କରିବା ସମୟରେ ସେମାନେ ଏହି କଥା ଜାଣିବାକୁ ପାଇଥିଲେ । ଯେତେବେଳେ ସଂପୃକ୍ତ ବ୍ୟକ୍ତି ଏଭଳି ସମସ୍ୟାର ସମ୍ମୁଖୀନ ହେଲେ ସେତେବଳେ କେହି ଜଣେ ତାଙ୍କୁ ପ୍ରଚୁର ପାଣି ପିଇବାକୁ ପରାମର୍ଶ ଦେଇଥିଲେ । କିନ୍ତୁ ଏଭଳି ସମସ୍ୟାରୁ ଉପଶମ ମିଳିବା ପରିବର୍ତ୍ତେ ତାହା ଆହୁରି ଜଟିଳ ହୋଇଥିଲା । ବିଶେଷଜ୍ଞମାନେ କହିଛନ୍ତି ଯେ ଜଣେ ଅସୁସ୍ଥ ବ୍ୟକ୍ତି ଆବଶ୍ୟକତା ଠାରୁ ଅଧିକ ପାଣି ପିଇଲେ ବାନ୍ତି, ମୁଣ୍ଡବିନ୍ଧା ପରି ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ । ଏପରିକି କେତେକ କ୍ଷେତ୍ରରେ ସେହି ବ୍ୟକ୍ତି କୋମା ସ୍ତରକୁ ଚାଲିଯିବା ଆଶଙ୍କା ରହିଛି । ତେଣୁ ଏହି ସମୟରେ ଆବଶ୍ୟକତା ମୁତାବକ ପାଣି ପିଇବା ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି ।

ରୋଷେଇ ଘରକୁ ଏପରି ରଖନ୍ତୁ

କଥାରେ ଅଛିଚ, ରୋଷେଇ ଘରେ ମା' ଲକ୍ଷ୍ମୀ ବାସ କରନ୍ତି । ତେଣୁ ମା'ଲକ୍ଷ୍ମୀ ବାସ କରୁଥିବା ସ୍ଥାନକୁ ଆସଜଡ଼ା କରି ରଖିବା ଦ୍ୱାରା ଲକ୍ଷ୍ମୀଛଡ଼ା ହୋଇ ଯାଇଥାନ୍ତି ବୋଲି ପ୍ରବାଦ ରିହଛି । ତେବେ ଆସନ୍ତୁ ଜାଣିବା ରୋଷେଇ ଘରକୁ କିପରି ରଖିବା ଉଚିତ୍ ।

- ରୋଷେଇ ଘରେ ଠାକୁର ରଖନ୍ତୁ ନାହିଁ ।
- ଘରର ସାମ୍ନା ଗେଟ୍ ସମ୍ମୁଖରେ ରୋଷେଇ ଘର କରନ୍ତୁ ନାହିଁ ।
- ଗାଧୋଇ ସାରି ରୋଷେଇ ଘରେ ପ୍ରବେଶ କରନ୍ତୁ ।
- ରୋଷେଇ ଘର ମଧ୍ୟରେ ଅଇଁଠା ବାସନ ରଖନ୍ତୁ ନାହିଁ ।
- ଲୁଣ ଡବାକୁ ଅଇଁଠା ସଂସ୍ପର୍ଶରେ ଆଣନ୍ତୁ ନାହିଁ ।
- ରାନ୍ଧଣା ଚୁଲା ଉପରେ ଅଇଁଠା ପଡ଼ିଥିଲେ ରୋଷେଇ ସରିବା କ୍ଷଣି ସଙ୍ଗେ ସଙ୍ଗେ ପୋଛି ଦିଅନ୍ତୁ ।



୫୦ ହଜାରରେ କିଣିପାରିବେ ପୂରା ଗାଁ

ଘରଟିଏ ତିଆରି ପାଇଁ ଅନେକ ନିଜ ପେଟକାଟି ଅର୍ଥ ସଂଚୟ କରିଥାନ୍ତି । ଏଥିପାଇଁ ବର୍ଷବର୍ଷ ସମୟ ମଧ୍ୟ ଲାଗିଯାଏ । ହେଲେ ନିକଟରେ ଘର କିଣିବା ପାଇଁ ଏପରି ଏକ ଅଫର ଆସିଛି ଯାହା ସହଜରେ ବିଶ୍ୱାସଯୋଗ୍ୟ ନୁହେଁ । ଏହି ଅଫର ଅନୁଯାୟୀ ଆପଣ ଘର ନୁହେଁ ପୁରା ଗାଁକୁ କିଣିପାରିବେ, ଆଉ ତାହା ପୁଣି ମାତ୍ର ୫୦ ହଜାର ଟଙ୍କାରେ ।

ହଙ୍ଗେରିର ରାଜଧାନୀ ବୁଦାପେଷ୍ଟ ଠାରୁ ୨୦୦ କିଲୋମିଟର ଦୂରରେ ମେଗୟର ନାମକ ଏକ ଗ୍ରାମ ରହିଛି । ଏହି ଐତିହାସିକ ଗ୍ରାମଟି ଆର୍ଥିକ ସଙ୍କଟ ନେଇ ଗତି କରୁଛି । ତେଣୁ ଗ୍ରାମର ସ୍ଥିତି ସୁଧାରିବା ପାଇଁ ମେୟର କ୍ରିଷ୍ଟୋଫ୍ ପେଜର ଏକ ନିଆରା ତରିକା ଆପଣାଇଛନ୍ତି । ପଇସା ସଂଗ୍ରହ ପାଇଁ ସେ ପୂରା ଗ୍ରାମକୁ ଭଡ଼ାରେ ଦେବାର ନିଷ୍ପତ୍ତି ନେଇଛନ୍ତି । ଏହି ନିଷ୍ପତ୍ତି ଅନୁସାରେ ଆପଣ ମାତ୍ର ୫୦ ହଜାର ଟଙ୍କା ଦେଇ ଗୋଟିଏ ଦିନ ପାଇଁ ଏହି ଗାଁର ମାଲିକ ହୋଇପାରିବେ । ପେଜରଙ୍କ କହିବା ଅନୁସାରେ ଏହି ଅଫରକୁ ନେଇ ଲୋକେ ବେଶ ଆଗ୍ରହ ଦେଖାଇଥିଲା ବେଳେ ୪୦୦ଜଣ ଗାଁର ମାଲିକ ହେବା ପାଇଁ ବୁକ୍ କରିସାରିଲେଣି । ଏ ବାବଦରେ ମିଳୁଥିବା ଅର୍ଥ ଗ୍ରାମର ବିକାଶ ଦିଗରେ ଖର୍ଚ୍ଚ ହେବ । ଗ୍ରାମକୁ ଭଡ଼ାରେ ନେଇଥିବା ବ୍ୟକ୍ତିଙ୍କୁ ଗୋଟିଏ ଦିନ ପାଇଁ ଗ୍ରାମର ଡେପୁଟି ମେୟର ପଦରେ ଅବସ୍ଥାପିତ କରାଯିବ ।

ଛୋଟ ଗୁଜରାତି, ଉପକାର ବଡ଼

ପାଟିର ଦୁର୍ଗନ୍ଧ:- ଗୁଜୁରାତି ମୁହଁର ଦୁର୍ଗନ୍ଧ ଦୂର କରିଥାଏ । ଏହାବ୍ୟତୀତ ଏହାକୁ ଫୁ

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୬ ସେପ୍ଟେମ୍ବର ୨୦୨୩, ବୁଧବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଗଣତନ୍ତ୍ରର ମୂଲ୍ୟ...

ଏକ ଗଣତାନ୍ତ୍ରିକ ଦେଶର ସରକାର ହାତରେ ଅଖଣ୍ଡ କ୍ଷମତା ଥାଏ ଏହାର ସାଧାରଣ ଜନତାଙ୍କୁ ଶାସନ କରିବା ପାଇଁ । କିନ୍ତୁ ଏହି ପଦ୍ଧତିରେ ସରକାରର ଶାସନ ମଧ୍ୟ ଯେତେବେଳେ ସ୍ୱେଚ୍ଛାଚାରୀ ହୁଏ, ତାକୁ ସାଧାରଣ ଜନତା ନିର୍ବାଚନରେ ସେମାନଙ୍କର ମତଦାନ ଜରିଆରେ ବଦଳାଇ ପାରିଥାନ୍ତି । ତେଣୁ ନିର୍ବାଚନ ଏକ ଅମୋଘ ଅସ୍ତ୍ର ଭାବରେ କାର୍ଯ୍ୟ କରିଥାଏ ଲୋକମାନଙ୍କ ପାଇଁ । ନିକଟରେ କେନ୍ଦ୍ର ସରକାର 'ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନ'ର ସମ୍ଭାବନା ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ପରୀକ୍ଷା ନିରୀକ୍ଷା କରିବା ନିମନ୍ତେ ପୂର୍ବତନ ରାଷ୍ଟ୍ରପତି ଶ୍ରୀଯୁକ୍ତ ରାମନାଥ କୋବିନ୍ଦଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରିବା ପରେ ସମଗ୍ର ଦେଶରେ ଏକ ରାଜନୀତିକ ଝଡ଼ ସୃଷ୍ଟି ହୋଇଛି । କ୍ଷମତାରେ ଥିବା ଏକ ସରକାରଙ୍କ ନିକଟରେ ତାଙ୍କ ସମୟରେ ଦେଶର ଶାସନ ବ୍ୟବସ୍ଥାରେ ଉନ୍ନତି ଘଟାଇବା ପାଇଁ ବିଭିନ୍ନ ପ୍ରକାରର ଉପାୟ ଉପରେ ପରୀକ୍ଷା ନିରୀକ୍ଷା କରିବା ଏବଂ ସେସବୁକୁ କାର୍ଯ୍ୟରେ ଲଗାଇବାର ଏକ ଗଣତାନ୍ତ୍ରିକ ଅଧିକାର ରହିଛି, କିନ୍ତୁ ଏକ ସାମ୍ବିଧାନିକ ଗଣତନ୍ତ୍ରର ମୂଳ ବିଧି ବ୍ୟବସ୍ଥାଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ନିହିତ ଉଦ୍ଦେଶ୍ୟ ନେଇ ପରୀକ୍ଷା ନିରୀକ୍ଷା କରିବା ନିଶ୍ଚିତ ଭାବରେ ସେହି ଅଧିକାରର ଅଂଶ ନୁହେଁ । ସମ୍ପ୍ରତି କେନ୍ଦ୍ର ସରକାର ପୂର୍ବତନ ରାଷ୍ଟ୍ରପତି ଶ୍ରୀଯୁକ୍ତ ରାମନାଥ କୋବିନ୍ଦଙ୍କ ଅଧକ୍ଷତାରେ ଉପରୋକ୍ତ ବିଷୟବସ୍ତୁ ଉପରେ ଗଠନ କରିଥିବା ଉଚ୍ଚସ୍ତରୀୟ କମିଟି ଲୋକସଭା, ରାଜ୍ୟଗୁଡ଼ିକର ବିଧାନସଭା, ମ୍ୟୁନିସିପାଲିଟି ଏବଂ ପଞ୍ଚାୟତଗୁଡ଼ିକ ପାଇଁ ଏକା ଥରକେ ନିର୍ବାଚନ କରିବା ସମ୍ପର୍କିତ ପ୍ରସଙ୍ଗକୁ 'ପରୀକ୍ଷା କରି ଦେଖିବେ ଏବଂ କେତେଦୂର ଏହା କରିବା ସମ୍ଭବପର ହେବ, ସେ ବାବଦରେ ସୁପାରିସ କରିବେ।' ଏହି କମିଟିର ସନ୍ଦର୍ଭିତ ସର୍ତ୍ତଗୁଡ଼ିକ କେବଳ ସେତିକିରେ ଶେଷ ହେଉନାହିଁ । ଏହି କମିଟିଙ୍କୁ ମଧ୍ୟ କୁହାଯାଇଛି 'ଏକ ଝୁଲା ସଦନ ଯୋଗୁଁ ସୃଷ୍ଟି ହେଉଥିବା ସମସ୍ୟା, ଅନାସ୍ଥା ପ୍ରସ୍ତାବ ଗ୍ରହଣ କରିବା, ଦଳ ବଦଳ ବା ସେହିଭଳି କିଛି ଘଟଣା ପରିପ୍ରେକ୍ଷୀରେ ଏକା ସାଙ୍ଗରେ ନିର୍ବାଚନ ଦୃଶ୍ୟପଟ୍ଟର ବିଶ୍ଳେଷଣ କରିବାକୁ ଏବଂ ସମ୍ଭାବ୍ୟ ସମାଧାନଗୁଡ଼ିକ ସମ୍ପର୍କରେ ସୁପାରିସ କରିବାକୁ।' ଏହି କମିଟି ଏଥିପାଇଁ ଆବଶ୍ୟକ 'ସମ୍ବିଧାନର ସଂଶୋଧନଗୁଡ଼ିକର ରାଜ୍ୟମାନେ ସଂପୁଷ୍ଟି କରିବା ଅର୍ଥାତ୍ ରାଜ୍ୟମାନେ ଏହି ସଂଶୋଧନକୁ ସମର୍ଥନ କରି ଏହାକୁ ଦୃଢ଼ୀଭୂତ କରିବେ କି ନାହିଁ, ତାହା ମଧ୍ୟ ପରୀକ୍ଷା କରି ଦେଖିବା ସହିତ ସେ ବାବଦରେ ସୁପାରିସ କରିବେ।' ବାରମ୍ବାର ନିର୍ବାଚନ କରାଯିବା ବିପୁଳ ସଂଖ୍ୟକ ସୁରକ୍ଷା ପ୍ରଦାନକାରୀ ମାନବ ଶକ୍ତି ଏବଂ ନିର୍ବାଚନୀ କର୍ମଚାରୀ ଆବଶ୍ୟକ କରିଥାଏ, ଏବଂ ଏହା ଦେଶର ବିକାଶମୂଳକ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରିଥାଏ । କିନ୍ତୁ ଯେଉଁମାନେ ଏକା ସାଙ୍ଗରେ ନିର୍ବାଚନ କରିବାର ପ୍ରସ୍ତାବ ଦେଉଛନ୍ତି, ସେମାନେ ଅତି ସହଜରେ ଭୁଲି ଯାଉଛନ୍ତି ଯେ ଗଣତନ୍ତ୍ରର ମଧ୍ୟ କିଛି ମୂଲ୍ୟ ଅଛି । ଏମିତି ନୁହେଁ ଯେ ଆମ ସମ୍ବିଧାନ ତାଙ୍କ ପୂର୍ବସୂରୀଙ୍କଠାରୁ ଜନ୍ମଲାଭ କରିଥିବା ଜଣକୁ ରାଜ୍ୟାଭିଷେକ କରାଇବା ପରିବର୍ତ୍ତେ କିଛି କାରଣ ନଥାଇ ଲୋକମାନଙ୍କ ମାନସିକତାକୁ ଜାଣିବା ପାଇଁ ଏକ ବିସ୍ତୃତ ପ୍ରକ୍ରିୟାର ଅନୁମୋଦନ କରିଛି। ନିର୍ବାଚନଗୁଡ଼ିକ ବିକାଶମୂଳକ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରିଥାଏ କହିବା ଏକ ବାହାନାବାଜି କହିଲେ ଅତ୍ୟୁକ୍ତି ହେବନାହିଁ । ଯେଉଁ ସରକାର ଲୋକମାନଙ୍କ ପାଇଁ ମଙ୍ଗଳଦାୟୀ କର୍ମ କରୁଥାଏ, ତାହା ସମୟାନୁସାରେ ତା'ର କାର୍ଯ୍ୟର ମୂଲ୍ୟାୟନ ପାଇଁ ପର୍ଯ୍ୟାୟ କ୍ରମିକ ଭାବରେ ଲୋକମାନଙ୍କ ସମ୍ମୁଖରେ ତାକୁ ଉପସ୍ଥାପନ କରିଥାଏ। ନିର୍ବାଚନ ନାମରେ ବିକାଶମୂଳକ କାର୍ଯ୍ୟକୁ ବନ୍ଦ କରିବାକୁ କୌଣସି ଆଇନ କହିନାହିଁ । ପ୍ରତି ବିଦ୍ୟାଳୟର ଉଚ୍ଚ ମାଧ୍ୟମିକ ସ୍ତରର ଛାତ୍ରଛାତ୍ରୀ ଜାଣନ୍ତି ଯେ ସମ୍ବିଧାନ ଅନୁସାରେ କେନ୍ଦ୍ର ମନ୍ତ୍ରୀମଣ୍ଡଳର ସଦସ୍ୟମାନେ ସାମୁହିକ ଭାବରେ ଲୋକସଭା ଏବଂ ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟମାନେ ସାମୁହିକ ଭାବରେ ସମ୍ପୃକ୍ତ ରାଜ୍ୟର ବିଧାନସଭା ନିକଟରେ ଦାୟୀ । ଏହିଭଳି ଭାବରେ ଯେଉଁ ଲୋକମାନେ କାର୍ଯ୍ୟପାଳିକାରେ କ୍ଷମତା ହାସଲ କରିଥାନ୍ତି, ସେମାନଙ୍କୁ ନାଗରିକମାନଙ୍କ ନିକଟରେ ଉତ୍ତରଦାୟୀ କରାଯାଇଥାଏ । ଏହା ରାଷ୍ଟ୍ରପତି ଶାସନ ବ୍ୟବସ୍ଥା ଭଳି ହୋଇ ନଥାଏ, ଯେଉଁଥରେ କାର୍ଯ୍ୟପାଳିକା ସିଧାସଳଖ ଲୋକମାନଙ୍କ ମତାମତ ଅନୁସାରେ କ୍ଷମତା ଉପଭୋଗ କରିଥାନ୍ତି । ତେଣୁ ବ୍ୟବସ୍ଥାପିକା ପାଇଁ ଏକ ନିର୍ଦ୍ଦିଷ୍ଟ ଅବଧି ଧାର୍ଯ୍ୟ କରିବାର ଅର୍ଥ କାର୍ଯ୍ୟପାଳିକା ପାଇଁ ମଧ୍ୟ ତାହା କରିବା, ଯାହାକୁ କୌଣସି ସଂସଦୀୟ ଶାସନ ବ୍ୟବସ୍ଥା ଗ୍ରହଣ କରିନାହିଁ । ରାଜ୍ୟ ବିଧାନସଭାଗୁଡ଼ିକର କାର୍ଯ୍ୟକାଳକୁ ଲୋକସଭାର କାର୍ଯ୍ୟକାଳ ସହିତ ଯୋଡ଼ିବା ସମ୍ବିଧାନର ପ୍ରଥମ ଅନୁଚ୍ଛେଦକୁ ହିଁ ବେଖାତିର କରିବା ଭଳି କାର୍ଯ୍ୟ କରିବ, ଯାହା ଘୋଷଣା କରିଛି ଯେ ଭାରତ ରାଜ୍ୟମାନଙ୍କର ଏକ ସମଷ୍ଟି ହେବ। କୌଣସି ବ୍ୟବସ୍ଥା ସ୍ଥାୟୀ ହେବାର ଆବଶ୍ୟକତା ନାହିଁ; ଏବଂ ବିବର୍ତ୍ତନ ହେଉଛି ରାଜନୀତି ଓ ଜୀବନର ନିୟମ । କିନ୍ତୁ ଏକ ଗଣତନ୍ତ୍ର ଆବଶ୍ୟକ କରିଥାଏ ଯେ ଏହାର ଶାସକମାନେ ସେମାନଙ୍କର ଉଦ୍ଦେଶ୍ୟକୁ ସର୍ବସମ୍ମୁଖରେ ଖୋଲାଖୋଲି ବ୍ୟକ୍ତ କରିବା ଉଚିତ ଏବଂ ଏହାକୁ ସର୍ବସାଧାରଣରେ ଆଲୋଚନାକୁ ଆଣିବା ଉଚିତ। ପରନ୍ତୁ, ସାମ୍ପ୍ରତିକ ସରକାର ଏହାଙ୍କର 'ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନ' ତତ୍ତ୍ୱକୁ କାର୍ଯ୍ୟକାରୀ କରିବା ନିମନ୍ତେ କ୍ୱଚିତ୍ ସେହି ପନ୍ଥା ଆପଣାଉ ଥିବା ମନେ ହେଉଛି।

ଚୀନର ବିସ୍ତାରବାଦୀ ନୀତି : ଭାରତ ପାଇଁ ବଡ ଭୂମିକା ଗ୍ରହଣ କରିବାର ସମୟ

ଡ.ସମନ୍ୱୟ ନନ୍ଦ

ଭାରତରେ ଜି-୨୦ ଦେଶର ମାନଙ୍କର ଶିଖର ସମ୍ମିଳନୀ ହେବାର ଠିକ ପୂର୍ବରୁ ଚୀନ ତାର ହରକତକୁ ପୁଣି ଥରେ ଦୋହରାଇଛି । ଚୀନ ପୁଣି ଥରେ ଏକ କାଳ୍ପନିକ ମାନଚିତ୍ର ଜାରୀ କରିଛି । ଏହି କାଳ୍ପନିକ ମାନଚିତ୍ରରେ ଅରୁଣାଚଳ ପ୍ରଦେଶ ଓ ଅକ୍ସାଇ ଚିନକୁ ତାର ବୋଲି ଦର୍ଶାଇଛି । ଚୀନ କମ୍ୟୁନିଷ୍ଟ ପାର୍ଟିର ସରକାରୀ ପ୍ରପାଗଣ୍ଡା କରୁଥିବା ସମ୍ବାଦ ପତ୍ର ଜରିଆରେ ଚୀନ ଏହି କାଳ୍ପନିକ ମାନଚିତ୍ର ଜାରୀ କରିଛି । ଏହି କାଳ୍ପନିକ ମାନଚିତ୍ରରେ ସେ କେବଳ ଭାରତର କିଛି ଅଂଶକୁ ନିଜର ବୋଲି କହି ଦାବି କରି ନାହିଁ ବରଂ ଅନ୍ୟ ଦେଶ ମାନଙ୍କର ଅଂଶ ଗୁଡିକୁ ମଧ୍ୟ ନିଜର ବୋଲି ଦାବି କରିଛି ।

ଚୀନ ଏଭଳି ହରକତ ପ୍ରଥମ ଥର ପାଇଁ କରିଛି ତାହା ନୁହେଁ । ଚୀନ ଉପରେ ନଜର ରଖୁଥିବା ଲୋକ ମାନେ ଭଲ ଭାବେ ଜାଣନ୍ତି ଏହା କମ୍ୟୁନିଷ୍ଟ ଚୀନର ପୁରୁଣା ରଣନୀତି । ଚୀନ ପୂର୍ବରୁ ବାରମ୍ବାର ମଝିରେ ମଝିରେ ଏଭଳି ମାନଚିତ୍ର ମାନ ଜାରୀ କରି ଅନ୍ୟ ଦେଶର ଅଂଶ ଗୁଡିକୁ ନିଜର ବୋଲି ଦାବି କରିଥାଏ ।

ଚୀନ ଉପରେ ମାଓଙ୍କ ଲାଲ ସେନାର କବଜା ହେବା ପରେ ହିଁ ଚୀନ ତାର ରଙ୍ଗ ଦେଖାଇବା ଆରମ୍ଭ କରିଥିଲା । ଚୀନ ପ୍ରଥମେ ତିବତକୁ ହଡପ କରି ନେଇଥିଲା । ତିବତକୁ ଜୋର ଜବରଦସ୍ତି ଅଧିକାର କରିବା ବେଳେ ଭାରତକୁ ଏହାର ବିରୋଧ କରିବାର ଥିଲା । କାରଣ ସୁରକ୍ଷା ଦୃଷ୍ଟିରୁ ତିବତ ସ୍ୱାଧୀନ ହୋଇ ରହିବା ଭାରତ ପାଇଁ ଜରୁରୀ ଥିଲା । ମାତ୍ର ସେତେବେଳର ଭାରତର ନେତୃତ୍ୱ ଚୀନର ବିରୋଧ କରିବା ପରିବର୍ତ୍ତେ ତିବତକୁ ଚୀନ ହାତରେ ଟେକି ଦେଇଥିଲେ ।

ଏହା ପରେ ମାଓ ତିବତକୁ ଚୀନର ପାପୁଲି ବୋଲି କହିବା ସହ ଏହାର ପାଂଚଟି ଆଙ୍ଗୁଳି ରହିଛି ବୋଲି କହିଥିଲେ । ଏହି ପାଂଚଟି ଆଙ୍ଗୁଳି ହେଲା ଲଦାଖ, ଭୁଟାନ, ନେପାଳ, ସିକିମ ଓ ନେଫା (ବର୍ତ୍ତମାନର ଅରୁଣାଚଳ ପ୍ରଦେଶ) । ତେଣୁ ସେତେବେଳ ଠାରୁ ହିଁ ଚୀନ ତାର ଅସଲ ରୂପ ଦେଖାଇ ଥିଲା ।

ଏହା ପରେ ମଧ୍ୟ ବିଭିନ୍ନ ସମୟରେ ଚୀନ ଏଭଳି କାଳ୍ପନିକ ମାନଚିତ୍ର ମାନ ଜାରୀ କରେ ଓ ବିଭିନ୍ନ ଦେଶର ଅଂଚଳ ଗୁଡିକୁ ନିଜର ବୋଲି ଦାବି କରେ । କେବଳ ଭାରତର ହିଁ ତାର ପଡୋଶୀ ଅନ୍ୟ ସମସ୍ତ ଦେଶ ମାନଙ୍କ ବିଭିନ୍ନ ଅଂଚଳ ଗୁଡିକୁ ମଧ୍ୟ ସେ ନିଜର ବୋଲି ଦାବି କରେ । ତେଣୁ ପ୍ରଥମ ଥର ପାଇଁ ଚୀନ ଏଭଳି ହରକତ କରି ନାହିଁ। ଏଭଳି କରିବା ଚୀନର ପୁରୁଣା ଅଭ୍ୟାସ ରହିଛି ।

ଭାରତ ସରକାର ଚୀନର ଏହି ହରକତର କଡା ଜବାବ ଦେଇଛି । ଭାରତର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ପ୍ରତିକ୍ରିୟା ପ୍ରକାଶ କରି ଏହି ମାନଚିତ୍ରକୁ ଅସ୍ୱୀକାର କରି ଦେଇଛି ।

ଭାରତ ସରକାର ପୂର୍ବରୁ ମଧ୍ୟ ଏହି ମାମଲାରେ ଏହି ଭଳି ଜବାବ ଦେଉଥିଲା । ଚୀନ ଯେବେ ଯେବେ ଏଭଳି ମାନଚିତ୍ର ଜାରୀ କରେ କିମ୍ବା ଅରୁଣାଚଳ ପ୍ରଦେଶର ଲୋକ ମାନଙ୍କ ପାଇଁ ଷ୍ଟାପଲ୍ଡ ଭିସା ପ୍ରଦାନ କରେ ସେତେବେଳେ ଭାରତ ସରକାର ଏଭଳି ପ୍ରତିକ୍ରିୟା ପ୍ରଦାନ କରିଥାଏ । ଯେଉଁ ଦଳର ସରକାର ଥାଉ ନା କାହିଁକି ଏହି ସମାନ ପ୍ରତିକ୍ରିୟା ରହି ଆସିଛି । ତେବେ ବର୍ତ୍ତମାନ ସରକାରରେ କଣ ବଦଳିଛି ? ବର୍ତ୍ତମାନ ସରକାରରେ ସୀମାବର୍ତ୍ତୀ ଅଂଚଳ ମାନଙ୍କରେ ଭିତିଭୂମିର ସ୍ଥିତି ବଦଳିଛି । ଗତ ୯ ବର୍ଷ ଧରି ତିବତ ସୀମାରେ ରାସ୍ତା, ପୋଲ ଓ ଅନ୍ୟାନ୍ୟ ଭିତିଭୂମି ଜୋରସୋରରେ ନିର୍ମାଣ ଚାଲିଛି । ଭାରତୀୟ ସେନା ଚୀନର ଲାଲ ସେନାକୁ ତାଙ୍କରି ଭାଷାରେ ଜବାବ ଦେଉଛି । ଡୋକଲାମ ହେଉ ବା ଗଲୱାନ ଉପତ୍ୟକା ହେଉ ଏହା ଏବେ ପ୍ରମାଣିତ ହୋଇ ସାରିଛି । ଚଳିତ ଥର ଚୀନର କାଳ୍ପନିକ ମାନଚିତ୍ରକୁ ନେଇ ଭାରତର ବୈଦେଶିକ ମନ୍ତ୍ରଣାଳୟର ପ୍ରତିକ୍ରିୟା ପରେ ଭାରତର ବୈଦେଶିକ ମନ୍ତ୍ରୀ ଡ. ଏସ ଜୟଶଙ୍କର ମଧ୍ୟ ପ୍ରତିକ୍ରିୟା ଦେଇଛନ୍ତି । ସେ ତାଙ୍କର ପ୍ରତିକ୍ରିୟାରେ ଚୀନର ଭାରତୀୟ ଅଂଚଳ ଉପରେ ଦାବିକୁ 'ଆବସର୍ଡ କ୍ଲେମ' ବୋଲି କହିଛନ୍ତି । କୂଟନୀତିଜ୍ଞ ମାନେ ସାଧାରଣ ଭାବେ ଆବସର୍ଡ ଶବ୍ଦ ସାଧାରଣତଃ ବ୍ୟବହାର କରି ନଥାନ୍ତି । ହେଲେ ଏଥର ଏହି ଶବ୍ଦକୁ ଭାରତର ବୈଦେଶିକ ମନ୍ତ୍ରୀ ବ୍ୟବହାର କରିଛନ୍ତି । ତେଣୁ ଚୀନକୁ କଡା ଭାଷାରେ କୂଟନୈତିକ ଜବାବ ଦିଆଯାଇଛି ।

ଚୀନ ହେଉଛି ଏକ ବିସ୍ତାରବାଦୀ ଦେଶ । ଚୀନ ସବୁବେଳେ ତାର ଆଖ ପାଖର ଦେଶ ମାନଙ୍କୁ କବଳିତ କରିବାକୁ ଚେଷ୍ଟା କରିଥାଏ । ଏବେ ମଧ୍ୟ ଯେଉଁ ଫିଲିପାଇନ୍ସ ରିପବ୍ଲିକ ଅଫ ଚାଇନା ରହିଛି ସେଥିରେ ଏଭଳି ବେଆଇନ ଭାବେ କବଜା କରିଥିବା ପଡୋଶୀ ଦେଶ ମାନଙ୍କର ଭୂମି ସାମିଲ ରହିଛି ।

ଚୀନ କେବଳ ଯେ ଏହି କାଳ୍ପନିକ ମାନଚିତ୍ରରେ ଭାରତର ଅଂଚଳ ଗୁଡିକୁ ଦର୍ଶାଇଛି ତା ନୁହେଁ । ସେ ବିଭିନ୍ନ ଦେଶର ବିଭିନ୍ନ ଅଂଚଳ ଗୁଡିକୁ ମଧ୍ୟ ତାର ବୋଲି ଦର୍ଶାଇଛି । ତେଣୁ କେବଳ ଭାରତ ନୁହେଁ ଏହି ଦେଶ ମାନେ ମଧ୍ୟ ଚୀନର ଏଭଳି କୃତ୍ୟ ପାଇଁ ତାକୁ ବିରୋଧ କରିବା ଆରମ୍ଭ କରି ଦେଇଛନ୍ତି ।

ଏହି ମାନଚିତ୍ରକୁ ନେଇ ଫିଲିପାଇନ୍ସ, ତାଇୱାନ, ମାଲେସିଆ ଓ ଭିଏତନାମ ମଧ୍ୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । କାରଣ ଏହି କାଳ୍ପନିକ ମାନଚିତ୍ରରେ ଚୀନ ଏହି ଦେଶ ମାନଙ୍କର ଅଂଶକୁ ମଧ୍ୟ ନିଜର ବୋଲି ଦର୍ଶାଇଛି । ଫିଲିପାଇନ୍ସର ସାମୁଦ୍ରିକ ଅଂଚଳ ଗୁଡିକୁ ଚୀନ ଏହି କାଳ୍ପନିକ ମାନଚିତ୍ରରେ ନିଜର ବୋଲି ଦାବି କରିଥିଲା । ଫିଲିପାଇନ୍ସ ସରକାରର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଚୀନ ଦ୍ୱାରା ଏହି ଅଂଚଳ ଗୁଡିକୁ ନିଜର ବୋଲି ଦାବି କରିବା ଆନ୍ତର୍ଜାତିକ ଆଇନର ଉଲ୍ଲଂଘନ।

ସେହିପରି ଭିଏତନାମର ସ୍ପ୍ରେଟଲି ଓ ପାରାସେଲ ଦ୍ୱୀପ ଓ ତାର ଜଳ କ୍ଷେତ୍ର ଉପରେ ଏହି କାଳ୍ପନିକ ମାନଚିତ୍ର ଜରିଆରେ ଦାବି କରିଛି । ଭିଏତନାମ ସରକାରଙ୍କ ପକ୍ଷରୁ ଏହି ପ୍ରସଙ୍ଗରେ ଚୀନ ବିରୁଦ୍ଧରେ କଡା ପ୍ରତିକ୍ରିୟା ଦିଆଯାଇଛି ଓ ଚୀନର ଦାବିକୁ ଖାରଜ କରାଯାଇଛି । ସେହିପରି ମାଲେସିଆ ପକ୍ଷରୁ ମଧ୍ୟ ଚୀନର ଏଭଳି ଦାବିକୁ ଅଗ୍ରାହ୍ୟ କରାଯାଇଛି ।

ଅନ୍ୟ ଶବ୍ଦରେ କହିବାକୁ ଗଲେ ଚୀନର ଏଭଳି ବିସ୍ତାରବାଦୀ ବ୍ୟବହାରକୁ ନେଇ କେବଳ ଭାରତ ନୁହେଁ ଅନ୍ୟ ଦେଶ ମାନେ ମଧ୍ୟ ସମସ୍ୟାରେ ଅଛନ୍ତି । ସମସ୍ତେ ଚୀନ ବିରୁଦ୍ଧରେ କଡା ମନ୍ତବ୍ୟ ଦେଉଛନ୍ତି । ଚୀନକୁ ସମସ୍ତେ ଶତ୍ରୁ ଭଳି ଦେଖୁଛନ୍ତି ।

ଭାରତ ସ୍ୱାଧୀନ ହେବା ପରେ ଅନେକ ଦେଶ ଆଶା କରୁଥିଲେ ଯେ ଭାରତ ସେମାନଙ୍କର ନେତୃତ୍ୱ ନେବ । ବିଶେଷ ଭାବେ ଦକ୍ଷିଣ ଏସିଆ ଓ ଦକ୍ଷିଣ ପୂର୍ବ ଏସିଆର ଦେଶ ମାନେ ନେତୃତ୍ୱ ପାଇଁ ଭାରତ ଆଡକୁ ଦେଖୁଥିଲେ । କାରଣ ମଧ୍ୟ ସ୍ପଷ୍ଟ ଥିଲା । ଭାରତର ହଜାର ହଜାର ବର୍ଷର ସଭ୍ୟତା ଓ ସଂସ୍କୃତି ରହିଛି । ଦକ୍ଷିଣ ଏସିଆ ଓ ଦକ୍ଷିଣ ପୂର୍ବ ଏସିଆର ଦେଶ ମାନଙ୍କର ସଂସ୍କୃତି ଭାରତରୁ ହିଁ ଯାଇଛି । ତେଣୁ ଭାରତର ନେତୃତ୍ୱକୁ ସେମାନେ ଅନାଇଥିଲେ । ହେଲେ ବୋଧ ହୁଏ ସେତେବେଳର ଭାରତର ରାଜନୈତିକ ବୋଧ ହୁଏ ଏହା ଚାହୁଁ ନଥିଲା । ୧୯୬୨ ମସିହାରେ ଚୀନ ମଧ୍ୟ ଭାରତ ଉପରେ ଆକ୍ରମଣ କରି ଏହି ଦେଶ ମାନଙ୍କୁ ସଂକେତ ଦେଇ ଦେଇଥିଲା ଯେ ଭାରତ ଆଡକୁ ନେତୃତ୍ୱ ପାଇଁ ଯଦି ଚାହୁଁଛ ତାହେଲେ ଭୁଲ କରୁଛ । ମାତ୍ର ବର୍ତ୍ତମାନ ସ୍ଥିତି ବଦଳିଛି । ବର୍ତ୍ତମାନ ଭାରତ ବିଶ୍ୱର ବିକଶିତ ଦେଶ ମାନଙ୍କ ସହ ଆଖିରେ ଆଖି ମିଶାଇ କଥା ବାର୍ତା କରୁଛି । ବିଶ୍ୱ ରାଜନୀତିରେ ଭାରତର ପ୍ରଭାବ ବଢିବାରେ ଲାଗିଛି । ଚୀନର ଏଭଳି କାଳ୍ପନିକ ମାନଚିତ୍ର ଜାରୀ ପ୍ରସଙ୍ଗ ଆଖ ପାଖର ଦେଶ ମାନଙ୍କୁ ଚୀନ ବିରୁଦ୍ଧରେ କରୁଛି । ଏଭଳି ସ୍ଥିତିରେ ଭାରତ ତାର ଭୂମିକାକୁ ବିସ୍ତାର ଦେବା ଉଚିତ । ଭାରତକୁ କେବଳ ଭାରତର ନୁହେଁ ବରଂ ଚୀନର ବିସ୍ତାରବାଦୀ ନୀତିର ଶୀକାର ହେଉଥିବା ଅନ୍ୟ ଦେଶ ମାନଙ୍କର ପ୍ରବକ୍ତା ମଧ୍ୟ ସାଜିବାର ସମୟ ଆସିଛି ।

ଅସୂୟା ରାଜନୀତିରେ ଜନତା ପଡୁଛନ୍ତି ବଳି

ବିଷ୍ଣୁ ପ୍ରସାଦ ଦାସ

ସମ୍ପ୍ରତି ଓଡିଶା ରାଜନୀତି ତଥା ରାଜ୍ୟ ମୁଖିଆ ଆଜି ସର୍ବତ୍ର ପ୍ରସଂଶିତ । ମୁଖିଆଙ୍କ ସ୍ମିତ ହାସ୍ୟ, ସମୟାନୁବର୍ତ୍ତୀ କାର୍ଯ୍ୟାନୁଷ୍ଠାନ, କେନ୍ଦ୍ର ରାଜ୍ୟ ମଧ୍ୟରେ ମଧୁର ସମନ୍ୱୟ ତଥା ବିରୋଧୀଙ୍କ ସହିତ ଉଦାରତା ପୂର୍ଣ୍ଣ ବ୍ୟବହାର ତାଙ୍କର ବ୍ୟକ୍ତିତ୍ୱକୁ ଆହୁରି ବିକଶିତ କରି ପାରିଛି । ନିକଟ ଅତୀତରେ ତାଙ୍କର ୫ଟି (5T) ଦ୍ୱାରା ନ'ହେବା କାର୍ଯ୍ୟ ଅତି ସହଜରେ ଏବଂ ଧାର୍ଯ୍ୟ ସମୟ ମଧ୍ୟରେ ସମ୍ପାଦିତ ହୋଇ ଓଡ଼ିଶାର ସାଢେ ଚାରି କୋଟି ଲୋକଙ୍କର ଆସ୍ଥା ଭାଜନ ହୋଇ ପାରିଛନ୍ତି । ଏହା ଖୁବ ଖୁସିର କଥା, ଗଣତନ୍ତ୍ର ଦେଶରେ ସରକାର ହେଉଛନ୍ତି' ଲୋକ ମାନଙ୍କ ପାଇଁ, ଲୋକ ମାନଙ୍କ ଦ୍ୱାରା ଏବଂ ଲୋକ ମାନଙ୍କର' ସରକାର, ତେଣୁ ସରକାରଙ୍କ କାର୍ଯ୍ୟକଳାପ ଲୋକାଭିମୁଖୀ ହେବା ଉଚିତ । ଓଡିଶା ସରକାର ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଓଡିଶା ବାସୀଙ୍କୁ ନିଜର ଲୋକ ହିତକର କାର୍ଯ୍ୟ ଦ୍ୱାରା ହୃଦୟରେ ବାନ୍ଧି ରଖି ପାରିଛନ୍ତି ।

ଓଡ଼ିଶାରେ ୩୦ ଗୋଟି ଜିଲ୍ଲା ଅଛି ସେହି ଜିଲ୍ଲାରୁ ବିଧାନସଭାକୁ ୧୪୭ ଜଣ ଲୋକ ପ୍ରତିନିଧି ଜନତାଙ୍କ ଭୋଟ ଦ୍ୱାରା ନିର୍ବାଚିତ ହୋଇ ଆସି ଥା'ନ୍ତି, ସେମାନେ ନିଜ ଅଂଚଳର ଜନସାଧାରଣଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ବଦ୍ଧ ପରିକର । କିନ୍ତୁ ତାହା କ'ଣ ସମ୍ଭବ ହେଉଛି କି? କେତେଜଣ ବିଧାୟକ ନିଜ ଦାୟୀତ୍ୱ ନେଇ ସଚେତନ ଅଛନ୍ତି? ସେମାନଙ୍କ ମଧ୍ୟରୁ ୯୦ ପ୍ରତିଶତ ଏହାକୁ ଏଡାଇ ଯାଇ ନିଜ ଚିନ୍ତାରେ ଥା'ନ୍ତି, ଏପରିକି ଅନେକ ସ୍ଥାନରେ ଦେଖାଯାଇଛି ତା'ଙ୍କ ସ୍ୱାର୍ଥ ପାଇଁ ସେମାନେ ଜନ ହିତକାରୀ ସରକାରୀ କାର୍ଯ୍ୟକୁ ମଧ୍ୟ ବିରୋଧ କରି ଥା'ନ୍ତି । ବହୁ ଦଳୀୟ ବ୍ୟବସ୍ଥା ମଧ୍ୟରେ ସଂଖ୍ୟା ଗରିଷ୍ଠ ଦଳ ଶାସନ କରୁଛନ୍ତି, ଶାସକ ଦଳର ନେତା ମନ୍ତ୍ରୀ ମାନେ ନିଜ ନିଜ ଅଞ୍ଚଳର ଜନ ହିତକର କାର୍ଯ୍ୟ ସହିତ ସମଗ୍ର ରାଜ୍ୟର ହିତ ଦେଖିବା ଉଚିତ କିନ୍ତୁ ବିଗତ ୨୩ ବର୍ଷ ଶାସନ କାଳରେ ରାଜ୍ୟର ମୁଖିଆ ନିଜ ନେତା ମନ୍ତ୍ରୀଙ୍କ ଉପରେ ଯେଉଁ ଆଶା ରଖି ଶାସନ ଚଳାଉ ଥିଲେ ତାହାର ସେତେଟା ସୁଫଳ ଜନତାଙ୍କ ପାଖରେ ପହଂଚି ପାରିଲା ନାହିଁ । ଏକ ଟଙ୍କା ଯଦି ସରକାରଙ୍କ ତହବିଲ୍ ରୁ ଜନତାଙ୍କ ପାଇଁ ଆସୁଛି ତେବେ ତା'ର ୭୦ ଭାଗରୁ ବେଶୀ ବାଟ ମାରଣ। ହୋଇ ଯାଉଛି, ଗରିବ ଗରିବରେ ରହି ଯାଉଛି କିନ୍

ରାମପତ୍ରୀରୁ କ୍ୟାନ୍‌ସର ଔଷଧ ତିଆରି କଲେ ଭାରତୀୟ ବୈଜ୍ଞାନିକ

ଭାବା ଆଟମିକ ରିସର୍ଚ୍ଚ ସେଣ୍ଟରର ବୈଜ୍ଞାନିକମାନେ ରାମପତ୍ରୀ ବୃକ୍ଷରୁ କ୍ୟାନସରର ଦୁଇ ପ୍ରକାରର ଔଷଧ ବିକଶିତ କରିଛନ୍ତି । ଏହି ଔଷଧ କ୍ୟାନସରର ଟ୍ୟୁମରକୁ ନଷ୍ଟ କରିବା ସହ ରେଡିଏସନ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା କୋଷିକାକୁ ଠିକ୍ କରିପାରିବ । ରାମପତ୍ରୀ ବୃକ୍ଷ ଭାରତୀୟ ମସଲାରେ ବ୍ୟବହାର ହୋଇଥାଏ । ଦେଶର ପଶ୍ଚିମ ଉପକୂଳ କ୍ଷେତ୍ରରେ ମିଳୁଥିବା ଏହି ବୃକ୍ଷ ମିରିଷ୍ଟିକାକୀ ପ୍ରଜାତିର । ମୂଷାଙ୍କ ଉପରେ ପରୀକ୍ଷଣ ସମୟରେ ଏହି ଔଷଧ ଲିଙ୍ଗ୍ କ୍ୟାନସର ଓ ନ୍ୟୁରୋବ୍ଲାଷ୍ଟୋମା ଭଳି ଦୁର୍ଲଭ କ୍ୟାନସରରେ କୋଷିକାର ପୁନଃ ନିର୍ମାଣ ହୋଇପାରୁଥିବା ଦେଖାଯାଇଥିଲା । ବାର୍କର ବାୟୋସାଇନ୍ସ ବିଭାଗର ପ୍ରମୁଖ ଏସ୍. ଚଟ୍ଟୋପାଧ୍ୟାୟ କହିଛନ୍ତି ଦୀର୍ଘ ବର୍ଷ ଧରି ଗବେଷଣା କରିବା ପରେ 'ରେଡ଼ିଓ ମେଡ଼ିଫାୟାର' ଓ ରେଡ଼ିଓ ପ୍ରୋଟେକ୍ଟର ନାମରେ ଦୁଇଟି ଔଷଧ ବିକଶିତ କରାଯାଇଛି । ଏହି ଔଷଧ ମନୁଷ୍ୟଙ୍କ ଉପରେ ପ୍ରୟୋଗ ପାଇଁ ସରକାରଙ୍କ ଠାରୁ ଅନୁମତି ଆବେଦନ କରାଯିବା ସହ ଏହାର ପେଟେଣ୍ଟ ପାଇଁ ମଧ୍ୟ ଆବେବଦନ କରାଯାଇଛି । ଖୁବଶୀଘ୍ର ଏହାର ପେଟେଣ୍ଟ ମିଳିବାର ସମ୍ଭାବନା ରହିଛି । ଚଳିତବର୍ଷ ଜୁନରେ ମୁମ୍ବାଇ ଟାଟା ମେମୋରିଆଲ ସେଣ୍ଟାରେ 'ରେଡ଼ିଓ ମେଡ଼ିଫାୟାର' ଔଷଧର କ୍ଲିନିକାଲ ପରୀକ୍ଷଣ ଆରମ୍ଭ କରାଯିବ । ବୈଜ୍ଞାନିକ ସନ୍ତୋଷ କୁମାର ସନ୍ଦୁର କହିଛନ୍ତି ରେଡ଼ିଓ ମେଡ଼ିଫାୟାର ଔଷଧ କୌଣସି ରେଡ଼ିଏସନ ଥେରାପି ସମୟରେ ସୁସ୍ଥ କୋଷିକାକୁ ରକ୍ଷା କରିଥାଏ । କୌଣସି ପରମାଣୁ ଦୁର୍ଘଟରାର ଚାରିଘଣ୍ଟା ଭିତରେ ଯଦି ଏହି ଔଷଧ

ସେବନ କରାଯାଏ ତେବେ ପ୍ରଭାବିତ ବ୍ୟକ୍ତିଙ୍କ ଜୀବନ ରକ୍ଷଧା କରାଯାଇପାରିବ ।

ପ୍ରତିରୋଧୀ ଶ୍ୱେତାଯୁକ୍ତ ଭାତ ଉପକାରୀ

ଭାତ, ଭାରତୀୟଙ୍କର ମୁଖ୍ୟ ଖାଦ୍ୟ । ଆଉ ଆମେ ଏହା ମଧ୍ୟ ଭୁଲିଯିବା ଅନୁଚିତ ଯେ, ଅଧିକ ପରିମାଣରେ ଭାତ ଓଜନ ବଢ଼ାଇବା ସହ ମଧଉମେହ ରୋଗ ଆଣିପାରେ । ଏକ ଭିନା ଭାତରୁ ମିଳେ ୨୪୦ କାଲୋରି । ଏହା ମୁଖ୍ୟତଃ ଶ୍ୱେତସାର, ଯାହା ଶୀଘ୍ର ହଜମ ହୋଇ ଶର୍କରା ପାଲଟେ । ଭାତରୁ ଦୁଇ ପ୍ରକାର ଶ୍ୱେତସାର ମିଳେ ଶୀଘ୍ର ଜୀର୍ଣ୍ଣ ହେଉଥିବା ଶ୍ୱେତସାର ଓ ପ୍ରତିରୋଧୀ ଶ୍ୱେତସାର ବା ବିଳମ୍ବରେ ଜୀର୍ଣ୍ଣ ହେଉଥିବା ଶ୍ୱେତସାର । । ଶୀଘ୍ର ଜୀର୍ଣ୍ଣ ହେଉଥିବା ଶ୍ୱେତସାର ଅବିଳମ୍ବେ ଶର୍କରାରେ ପରିଣତ ହୁଏ । ଏବେ ଭାତକୁ ପ୍ରତିରୋଧୀ ଶ୍ୱେତସାରରେ ପରିଣତ କରିବାର ସାଇନସେସର ଗବେଷକ ସୁଧୀର ଜେମସ । ତାଙ୍କ ମତରେ କପେ ଚାଉଳକୁ ଫୁଟନ୍ତା ପାଣିରେ ପକାଇବା ବେଳେ, ଏକ ଚାମଚ ନଡ଼ିଆ ତେଲ ପକାଇବା ଉଚିତ । ଭାତ ହୋଇଗଲା ପରେ ସଙ୍ଗେ ସଙ୍ଗେ ନଖାଇ, ବାରଘଣ୍ଟା ଫ୍ରିଜରେ ରଖିବା ଆବଶ୍ୟକ । ଏହା ପନରେ ଗରମ କରି ଖାଇଲେ, ପ୍ରତିରୋଧୀ, ଶ୍ୱେତସାର ପରିମାଣ ବଢ଼େ, ଯାହା ମଣିଷକୁ ମୋଟା ହେବାରୁ ବଞ୍ଚାଏ ।

ଅପରାଜିତା ଫୁଲର ଚା'ରେ ରହିଛି ଭରପୂର ଆଣ୍ଟିଅକ୍ସିଡାଣ୍ଟ; କର୍କଟକୁ ଦୂରେଇ ଦିଏ, ଇନସୁଲିନ୍ ସନ୍ତୁଳନ ବଜାୟ ରଖେ

ନୀଳଫୁଲ ଅପରାଜିତା ମହାଦେବଙ୍କର ଖୁବ୍ ପ୍ରିୟ । ଖାଲି ଶିବଙ୍କର କାହିଁକି, ଏହି ଫୁଲଟି ପ୍ରାୟ ଅଧିକାଂଶ ଲୋକଙ୍କ ପସନ୍ଦର ହୋଇଥାଏ । ଅପରାଜିତା ଦେଖିବାକୁ ଯେତିକି ସୁନ୍ଦର, ତାହାର ଗୁଣ ତା'ଠାରୁ ଆହୁରି ଭଲ । ଆମ ସ୍ୱାସ୍ଥ୍ୟ ପାଇଁ ଫୁଲଟି ଖୁବ୍ ଉପକାରୀ । ଏହି ଫୁଲ ଆଣ୍ଟିଅକ୍ସିଡାଣ୍ଟରେ ପରିପୂର୍ଣ୍ଣ । ପି-କୌମାରିକ୍ ଏସିଡ୍, ଡେଲ୍‌ଫିନିଡିନ୍-୩, କେମ୍ପୋରାଲ୍, ୫-ଗ୍ଲୁକୋସାଇଡ୍ ପରି ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ଏହି ଫୁଲଟିରେ ଅନେକ ସ୍ୱାସ୍ଥ୍ୟଗତ ଉପକାରିତା ଅଛି । ଆପରାଜିତା ଫୁଲ ଏହାର ଆଣ୍ଟି-ବ୍ୟାକ୍ଟେରିଆ ଗୁଣ ଯୋଗୁ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଲାଭଦାୟକ । ଏହା ସଂକ୍ରମଣରୁ ରକ୍ଷା କରିବାରେ ସାହାଯ୍ୟ କରେ । ଅପରାଜିତା ଫୁଲ ଓଜନ ହ୍ରାସ କରିବାରେ ମଧ ସହାୟକ ହୋଇଥାଏ । ଏହି ଫୁଲରୁ ପ୍ରସ୍ତୁତ ଚା' ଶରୀରରେ ମେଟାବୋଲିଜିମକୁ ତ୍ୱରାନ୍ୱିତ କରିଥାଏ, ଯେଉଁ କାରଣରୁ ଶରୀରରେ ଚର୍ବି ସୃଷ୍ଟି ହୁଏ ନାହିଁ । ଅପରାଜିତା ଫୁଲରେ ଏପରି ଉପାଦାନସବୁ ରହିଛି, ଯାହା ରକ୍ତଚାପ ଏବଂ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ଏହା ହୃଦଘାତର ଆଶଙ୍କା ମଧ ହ୍ରାସ କରିଥାଏ । ଅପରାଜିତା ଫୁଲ ଖାଇବା ଦ୍ୱାରା କର୍କଟ ରୋଗ ହେବାର ଆଶଙ୍କା କମିଯାଏ । ଏହି ଫୁଲରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ କର୍କଟ କୋଷଗୁଡ଼ିକର ବୃଦ୍ଧିକୁ ଅଟକାଇବାରେ ସହାୟକ ହୋଇଥାଏ । ଅପରାଜିତା ଫୁଲରୁ ପ୍ରସ୍ତୁତ ଚା ଆଣ୍ଟି-ଡାଇବେଟିସ୍ ଗୁଣରେ ଭରପୂର ହୋଇଥିବାରୁ ଏହା ଶରୀରରେ ଇନସୁଲିନର ସନ୍ତୁଳନ ବଜାୟ ରଖିବାରେ ସାହାଯ୍ୟ କରିଥାଏ ।

ପେଟ ଭିତରେ ଥିଲା ବଲ୍‌ବ

ସାଉଦିଆରବରେ ଏକ ଅଜବ ମାମଲା ଦୃଷ୍ଟିକୁ ଆସିଛି । ଏଠାକାର ଜଣେ ୨୧ବର୍ଷୀୟ ଯୁବକ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ । ହେଲେ ଯେତେବେଳେ ଡାକ୍ତର ତାଙ୍କୁ ଯାଞ୍ଚ କଲେ ସେତେବେଳେ ଜଣାପଡ଼ିଲା ଯେ ତାଙ୍କ ପେଟରେ ଏକ ବଲବ ରହିଛି । ଦୀର୍ଘଦିନ ଧରି ଅସୁସ୍ଥ ରହିବା କାରଣରୁ ଏହି ଯୁବକ ଜଣକ ପହଞ୍ଚିଥିଲେ ଅଲ-ଅହସା ଡାକ୍ତରଖାନାରେ । ତୁରନ୍ତ ତାଙ୍କୁ ଏମରଜେନ୍ସୀ ୱାର୍ଡ଼ରେ ଭର୍ତ୍ତି କରାଯାଇଥିଲା । ଟେଷ୍ଟ ପରେ ଜଣାପଡ଼ିଥିଲା ଯେ ତାଙ୍କ ପେଟ ଭିତରେ ଏକ ବଲବ ରହିଛି । ଦେଢ଼ଘଣ୍ଟାର ଅପରେସନ ପରେ ପେଟ ଭିତରୁ ବଲବ କଢ଼ାଯାଇଥିଲା, ଏବେ ସେହି ଯୁବକ ଜଣଙ୍କ ସୁସ୍ଥ ଅଛନ୍ତି । ଯୁବକଙ୍କ କହିବା ଅନୁସାରେ ୧୧ବର୍ଷ ତଳେ ଅର୍ଥାତ୍ ତାଙ୍କୁ ଯେତେବେଳେ ୧୦ବର୍ଷ ହୋଇଥିଲା ସେତେବେଳେ ଖେଳୁଥିବା ସମୟରେ ଅଜାଣତରେ ଏକ ବଲବକୁ ସେ ଗିଳିଦେଇଥିଲେ । ଏହାପରେ କିଛି ଅସୁବିଧାରର ନହେବାରୁ ଘରେ ନଜଣାଇ ଚୁପ୍‌ଚାପ ରହିଥିଲେ । ଗତକିଛିମାସ ତଳେ ହଠାତ୍ ପେଟରେ ଯନ୍ତ୍ରଣା ହେବା ସହ ଜ୍ୱର ହୋଇଥିଲା । ଯେଉଁ କାରଣରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି ହେବାକୁ ପଡ଼ିଥିଲା ।

ବୁଢ଼ିଆଣୀ ବିଷରୁ ମସ୍ତିଷ୍କ ରୋଗର ଚିକିତ୍ସା !

ଷ୍ଟ୍ରୋକ ଯୋଗୁ କ୍ଷତିଗ୍ରସ୍ତ ହେଉଥିବା ମସ୍ତିଷ୍କ କୋଷିକାର ଚିକିତ୍ସା ଦିଗରେ ଆଶାର ନୂଆ କିରଣ ଦେଖାଯାଇଛି । ଅଷ୍ଟ୍ରେଲିଆରେ ଦେଖାଯାଉଥିବା ଏକ ପ୍ରକାର ବିଷାକ୍ତ ବୁଢ଼ିଆଣୀର ବିଷରୁ ଏହି କୋଷିକାର ଚିକିତ୍ସା କରାଯାଇପାରିବ ବୋଲି ବୈଜ୍ଞାନିକମାନେ କହିଛନ୍ତି । ଅଷ୍ଟ୍ରେଲିଆର ୟୁନିଭର୍ସିଟି ଅଫ କୁଇନ୍ସଲ୍ୟାଣ୍ଡ ଓ ମୋନାଶ ୟୁନିଭର୍ସିୟଟିର ବୈଜ୍ଞାନିକମାନେ ଏହି ଗବେଷଣାର ଫଳକୁ ନେଇ ଉତ୍ସାହିତ ଅଛନ୍ତି । ବୈଜ୍ଞାନିକ ଗ୍ଲେନ କିଙ୍ଗଙ୍କ ମତରେ ପ୍ରଥମଥର ମସ୍ତିଷ୍କର କ୍ଷତିଗ୍ରସ୍ତ କୋଶିକାର ଚିକିତ୍ସାର ସୂତ୍ର ବୁଢ଼ିଆଣୀ ବିଷରୁ ବାହାରିପାରିଛି । ଏଥିରୁ ପ୍ରସ୍ତୁତ ଏକ ଛୋଟ ପ୍ରୋଟିନ୍ 'ଏଚଆଇ୧ଏ ମସ୍ତିଷ୍କର ଏସିଡ୍ ସୋର୍ସିଂ ଆୟନ ଚ୍ୟାନେଲକୁ ବାଧା ପହଞ୍ଚାଇଥାଏ । ଷ୍ଟ୍ରୋକ କାରଣରୁ ମସ୍ତିଷ୍କରେ ହେଉଥିବା କ୍ଷତିରେ ଏହି ଚ୍ୟାନେଲର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ରିସର୍ଚ୍ଚରୁ ଜଣାପଡ଼ିଛି ଷ୍ଟ୍ରୋକର ଆଠଘଣ୍ଟା ଭିତରେ ଏହି ପ୍ରୋଟିନର ଏକ ଖୋରାକ କୋଷିକାର ଯତ୍ନନେବା ସହ ନ୍ୟୁରୋଲୋଜିକାଲ ଗତିବିଧିକୁ ମଧ୍ୟ ଉନ୍ନତ କରିଥାଏ ।

କ୍ଷୀରର ଗୁଣବତ୍ତା

କ୍ଷୀରକୁ ଏକ କମ୍ପ୍ଲିଟ୍ ଫୁଡ଼ର ମାନ୍ୟତା ମିଳିଛି । ଏଥିରେ ଥିବା ମିନେରାଲସ ଓ ନ୍ୟୁଟ୍ରିଏଣ୍ଟ ଶରୀର ପାଇଁ ବହୁତ ଲାଭପ୍ରଦ । ଆଜିକାଲିର ହେକ୍ଟିକ ଲାଇଫ ଓ ଷ୍ଟ୍ରେସଫୁଲ ୱାର୍କରେ କେବଳ କ୍ଷୀର ପିଇଲେ କାମ ଚଳିବ ନାହିଁ । କିଛି ବାହାର ଜିନିଷ ଖାଇବା ଉଚିତ ।

କ୍ଷୀର ଓ ହଳଦୀ- ଏହି ମିଶ୍ରଣ ଏକ ପ୍ରକାରର ବ୍ଲଡ଼ ପ୍ୟୁରୀଫାୟାର । ଯାହା ଶରୀରର ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇଥାଏ । କ୍ଷୀରରେ ଥିବା କ୍ୟାଲସିୟମ ଗଣ୍ଠି ଯନ୍ତ୍ରଣାରୁ ବଞ୍ଚାଇଥାଏ । ତା'ସହିତ ଏଥିରେ ଥଇବା ଏମିନୋ ଏସିଡ଼ ସୁନିଦ୍ରା ଆଣିବାରେ ସହାୟକ ହୋଇଥାଏ ।

କ୍ଷୀର ଓ କଦଳୀ- କ୍ୟାଲସିୟମ, ମ୍ୟାଗ୍ନେସିୟମ ଓ ପୋଟାସଦିୟମର ଏହି କମ୍ବିନେଶନ୍ ଶରୀରକୁ ଶକ୍ତି ପ୍ରଦାନ କରିଥାଏ ଓ ହାର୍ଟ ଓ ବିପି ସମସ୍ୟାର ବଞ୍ଚାଇଥାଏ । ଏଥିରେ ଭିଟାମିନ ବି-୧୨ ରହିଛି । ଯାହା ଡିପ୍ରେଶନକୁ କଣ୍ଟ୍ରୋଲ କରିଥାଏ ।

କ୍ଷୀର ଓ ମହୁ- କ୍ଷୀରରେ ଥିବା କ୍ୟାଲସିୟମ ଓ ମହୁରେ ଥିବା କାର୍ବୋହାଇଡ୍ରେଟ ଶରୀରର ମେଟାବୋଲିଜମ ଲେବଲକୁ ବଢ଼ାଇଥାଏ । ମାଂସପେଶୀକୁ ମଜଭୁତ କରିଥାଏ । ଏଥିରୁ ଆଣ୍ଟି ଅକ୍ସିଡାଣ୍ଟ ରହିଛି, ଯାହାଦ୍ୱାରା ତ୍ୱଚା ଉପରେ ବୟସ ବୃଦ୍ଧିର ପ୍ରଭାବ କମ ଦେଖାଯାଇଥାଏ ।

କ୍ଷୀର ଓ ବାଦାମ - କ୍ଷୀରରେ ବାଦାମ ପକାଇ ପିଇଲେ ହାଡ଼ ମଜଭୁତ ହୋଇଥାଏ । ଶରୀରରେ ଆଇରନ କ୍ୟାଲସିୟମର ଅଭାବକୁ ପୂରଣ କରିଥାଏ ।

କ୍ଷୀର ଓ କେଶର - ଏହି କମ୍ବିଶେନରେ ଭରପୁର ପୋଟାସିୟମ ଥାଏ । ଯାହା ବିପିକୁ ନିୟନ୍ତ୍ରଣ କରିବା ସହିତ ଆପଣଙ୍କ ମୁଡ଼କୁ ଠିକ୍ କରିଥାଏ ।

ପେସାଦାର ଆଇସକ୍ରିମ ଚଖାଳି

ବ୍ରିଟେନ୍ ଅନ୍ତର୍ଗତ ଲିଡସର ଅଣଚାଳିଶ ବର୍ଷ ବୟସ୍କା ଲୁଇସ ବାଂବର, ପେସାରେ ଜଣେ ଆଇକ୍ରିମ ଚଖାଳି । ସେ ଆସଡ଼ା ସୁପରମାର୍କେଟ ଚେନ ଷ୍ଟୋରରେ କାମ କରନ୍ତି । କେବଳ ଇଂଲଣ୍ଡରେ ଏହି ଷ୍ଟୋରର ଶାଖା ସଂଖ୍ୟା ପାଁଶହ । ଆସଡ଼ା ଷ୍ଟୋରମାନଙ୍କରେ ବିକ୍ରି ହେଉଥିବା ବିଭିନ୍ନ ସ୍ୱାଦର ଆଇସକ୍ରିମ ଚାଖିବା ହେଉଛି, ଲୁଇସଙ୍କର କାମ । ପ୍ରତିଦିନ ସେ ପ୍ରାୟ ତେଇଶ ପ୍ରକାରର ଅଇସକ୍ରିମ ଚାଖନ୍ତି । ଅର୍ଥାତ୍ ମାସକୁ ୬୯୦ ପ୍ରକାରର ଆଇସକ୍ରିମ । ଆସଡ଼ାରେ ଦେଶ ବିଦେଶରେ ଥିବା ଦଶଟି କାରଖାନାର ଆଇସକ୍ରିମ ବିକ୍ରିହୁଏ । ଆଇସକ୍ରିମରେ ମାନ ସ୍ଥିର କରେ ଆସଡ଼ା । ଆଉ ମାନ ରକ୍ଷା କରାଯାଇଛି କି ନାହିଁ ପରରୀକ୍ଷା କରିବା ଦାୟିତ୍ୱ ଲୁଇସଙ୍କର । ତେଣୁ ଲୁଇସ ଏହି କାର୍ଯ୍ୟରେ ବିଦେଶ ମଧ୍ୟ ଭ୍ରମଣ କରନ୍ତି । ଲୁଇସ ଇଂଲଣ୍ଡହେର ବସବାସ କରୁଥିବା ଇଟାଲୀୟ । ତାଙ୍କର ପରିବାର ଏକଦା ଆଇସକ୍ରିମ ବ୍ୟବସାୟ ସହ ସଂପୃକ୍ତ ଥିଲା ଏବଂ ଲୁଇସ ଶୈଶବରେ ଆଇସକ୍ରିମ ପରିଷେଣ ଓ ବିକ୍ରିକରୁଥିଲେ । ତାଙ୍କ ଭାଷାରେ ଆଇସକ୍ରିମ ତାଙ୍କ ରକ୍ତରେ ଅଛି । ଆଇସକ୍ରିମ ବାବଦରେ ଯଥେଷ୍ଟ ଜ୍ଞାନ ଯୋଗୁଁ ସେ ଆସଡ଼ାରେ ନିଯୁକ୍ତି ପାଇଥିବା ପ୍ରକାଶ ।

କାହା ସହ କ'ଣ ଖାଇବେ ନାହିଁ

- ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଫଳ ଉପକାରୀ ହୋଇଥିଲେ ହେଁ ମୁଖ୍ୟ ଖାଦ୍ୟ ସହ ଖାଇବା ଅନୁଚିତ । ମୁଖ୍ୟ ଭୋଜନରେ ଅନ୍ୟୁନ ଅଧ ଘଣ୍ଟା ପୂର୍ବରୁ କିମ୍ବା ଏକ ଘଣ୍ଟା ପରେ ଫଳ ଖାଆନ୍ତୁ । ଖାଲି ପେଟରେ ଫଳ ଖାଇବା ସବୁଠୁ ଭଲ ।

- ପୁଷ୍ଟିସାର ଯୁକ୍ତ ଖାଦ୍ୟ ଯଥା ମାଂସ ସହ ଶ୍ୱେତସାର ବହୁଳ ଖାଦ୍ୟ ଯଥା ଆଳୁ ଖାଆନ୍ତୁ ନାହିଁ । ଏହା ପାକକ୍ରିୟାରେ ସମସ୍ୟା କରାଏ, ବାୟୁଦୋଷ ବଢ଼ାଏ ।

- ଦହି ସହ ଶାଗ ଖାଇବା ଅନୁଚିତ । ଦହିରୁ ମିଳେ କ୍ୟାଲସିଅମ ଓ ପାଳଙ୍ଗ ଜାତୀୟ ଶାଗରୁ ଅଗଜାଲିକ ଏସିଡ୍ ପାକସ୍ଥଳୀରେ ଏହି ଦୁଇଟି ଉପାଦାନ ମିଶିବା ସ୍ୱାସ୍ଥ୍ୟ ପାଇଁ ହାନୀକାରକ । ଏହି କାରଣରୁ ଖିର ସହ ଚକଲେଯ ଖାଇବା ମଧ୍ୟ ଅନୁଚିତ ।

- ଖିର ଓ ଦହି ଖିର ଓ ପିଆଜ, ମାଂସ ଓ ତରଭୁଜ ଫଳ ଓ ଦହି ଖିର ଓ ଲେମ୍ବୁ ପାଉଁରରୁଟି ଓ ଅଣ୍ଡା, କୁକୁଡ଼ା ମାଂସ ଓ ରସୁଣ, କାକୁଡ଼ି ଓ ଫୁଲକୋବି ମହୁ ଓ ରସୁଣ ଗାଜର ଓ କମଳା, ବିଅର ଓ ସାମୁଦ୍ରିକ ମାଛ, କ୍ଷୀର ଓ ଅଣ୍ଡା, ମୂଳା ଓ ମାଛ ଆଦି ଏକାଠି ଖାଇବା ଅସ୍ୱାସ୍ଥ୍ୟକର ।

ଛୋଟ ଆଘାତ: ବଡ଼ ସମସ୍ୟା

ପିଲାବେଳେ ଖେଳକୁଦ ସମୟରେ ଶରୀରରେ ଅନେକ ଆଘାତ ଏବଂ ଯନ୍ତ୍ରଣା ଲାଗିଥାଏ, ଯାହାକୁ ଅନେକ ସମୟରେ ଆମେ ଅଣଦେଖା କରିଦେଇଥାଉ । କିନ୍ତୁ ନିକଟରେ ବ୍ରିଟିଶ୍ ଗବେଷକମାନେ ଏକ ଗବେଷଣାରୁ ଜାଣିପାରିଛନ୍ତି ଯେ, ପିଲାବେଳେ ମସ୍ତିଷ୍କରେ ଲାଗିଥିବା କଷ୍ଟ ଆଗାମୀ ଦିନରେ ଜୀବନ ପାଇଁ ବିପଦ ସୃଷ୍ଟି କରିପାରେ । ଏହାଦ୍ୱାରା ମାନସିକ ରୋଗ ବ୍ୟତୀତ ଜୀବନ ଯିବାର ଆଶଙ୍କା ମଧ୍ୟ ବୃଦ୍ଧି ପାଇଥାଏ । ଗବେଷଣାରୁ ଜଣାପଡ଼ିଛି ଯେ, ଯେଉଁ ବ୍ୟକ୍ତିଙ୍କ ମସ୍ତିଷ୍କରେ ଆଘାତ ପିଲାବେଳେ ଲାଗିଥାଏ, ଆଗକୁ ସେମାନେ ମାନସିକ ରୋଗରେ ପଡ଼ିବାର ଆଶଙ୍କା ଅଧିକ ରହିଛି । ଏହି ବ୍ୟକ୍ତିମାନଙ୍କର ମାନସିକ ରୋଗ ହେବାର ସମ୍ଭାବନା ୫୦ ପ୍ରତିଶତରରୁ ଅଧିକ ରହିଥାଏ । ସମୟ ପୂର୍ବରୁ ଏମାନଙ୍କର ମୃତ୍ୟୁ ହେବାର ସମ୍ଭାବନା ମଧ୍ୟ ବେଶୀ ରହିଥାଏ ।

୧୦ କୋଟି ଟଙ୍କାର ମିନେରାଲ ୱାଟର

କିଛିଦିନ ପୂର୍ବେ ଦିଲ୍ଲୀରମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୋଟି କୋଟି ଟଙ୍କା ପୋଷାକ କିଣିବାରେ ଖର୍ଚ୍ଚ କରୁଥିବା ଅଭିଯୋଗ କରିଥିବାବେଳେ ଏବେ ମୋଦିଙ୍କ ନାମରେ ଆଉ ଏକ ଅଭିଯୋଗ ଆସିଛି । ୨୦୧୬ ନବରାତ୍ରୀ ବେଳେ ମୋଦି ୧୦କୋଟି ଟଙ୍କାର ମିନେରାଲ ୱାଟର କିଣିଥିବା ସୂଚନା ଅଧିକାର ଆଇନ ବଳରେ ଜାଣିବାକୁ ପାଇଛନ୍ତି । ନବରାତ୍ରୀ ସମୟରେ ପ୍ରଧାନମନ୍ତ୍ରୀ ଖାଦ୍ୟ ଗ୍ରହଣ କରନ୍ତି ନାହିଁ । କେବଳ ଫଳରସ ଓ ପାଣି ପିଇ ଥାଆନ୍ତି । ଏପରିକି ଆମେରିକାର ରାଷ୍ଟ୍ରପତିଙ୍କ ପ୍ରଦତ୍ତ ଷ୍ଟେଟ ଡିନର ପାର୍ଟିରେ ମଧ୍ୟ ସେ ଖାଦ୍ୟ ଗ୍ରହଣ କରିବାକୁ ମନା କରିଦେଇଥିଲେ । ନିକଟରେ ସୂଚନା ଅଧିକାର ଆଇନ ବଳରେ ମଗାଯାଇଥିବା ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ନବରାତ୍ରୀ ବେଳେ ୧୦କୋଟି ୯ଲକ୍ଷ ୨୮ ହଜାର ୪୫ଟଙ୍କାରପାଣି କିଣାଯାଇଛି । ପିଏମଓ ଦ୍ୱାରା ଏହି ସୂଚନା ପ୍ରଦାନ କରାଯାଇଛି ।

ଓଡ଼ିଆ ବିଶ୍ୱବିଦ୍ୟାଳୟ: ନାମଲେଖା ସରିଲା, ସରିଲାନି କୋଠା ନିର୍ମାଣ

ପୁରୀ, ୦୫/୦୯ (ନି.ପ୍ର): ୨୦୧୮ ମସିହା ସେପଟ୍ଟେମ୍ବର ମାସରେ ରାଜ୍ୟ କ୍ୟାବିନେଟ୍‌ରେ ଓଡ଼ିଆ ବିଶ୍ୱବିଦ୍ୟାଳୟକୁ ମଞ୍ଜୁରି ମିଳିଥିଲା। ପ୍ରାୟ ୨୫ ଏକର ଜାଗାରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କଲେ। ଏହି ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷାରେ ସ୍ନାତକୋତ୍ତର ପାଠ୍ୟକ୍ରମ ସହ ଇତିହାସ ଓ ଅନ୍ୟାନ୍ୟ ବିଷୟ ଉପରେ ଗବେଷଣାର ଶ୍ରେଷ୍ଠ ସ୍ଥାନ ପାଲଟିବ ବୋଲି କୁହାଯାଉଛି। ସେହିବର୍ଷ ଅକ୍ଟୋବର ୯ ତାରିଖରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମଦିନରେ ବକୁଳବନଠାରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ବିଶ୍ୱବିଦ୍ୟାଳୟର ଭିତ୍ତିପ୍ରସ୍ତର ପକାଇଲେ। ଇତିମଧ୍ୟରେ ୫ ବର୍ଷ ପୂରିଛି। ଓଡ଼ିଆ ବିଶ୍ୱବିଦ୍ୟାଳୟରେ ପ୍ରଥମ ବର୍ଷ ଛାତ୍ରଙ୍କ ନାମଲେଖା ଶେଷ ହୋଇଛି। କିନ୍ତୁ ଏ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟର ଗୋଟିଏ ବି କୋଠା ନିର୍ମାଣ ସରିନାହିଁ।

ରାଜ୍ୟ ସରକାର ଓବିସିସିକୁ ବିଶ୍ୱବିଦ୍ୟାଳୟର କୋଠା ନିର୍ମାଣ ଦାୟିତ୍ୱ ଦେଇଛନ୍ତି। ଓବିସିସି ଡିଭିଜନ୍-୨ ପକ୍ଷରୁ ୩୦ କୋଟି ୩୦ ଲକ୍ଷ ଟଙ୍କା ବ୍ୟୟରେ ବିଶ୍ୱବିଦ୍ୟାଳୟ କୋଠାର ନିର୍ମାଣ କାର୍ଯ୍ୟ ଜାରି ରହିଛି। ୨୦୨୧ ଡିସେମ୍ବର ୮ ତାରିଖରୁ ନିର୍ମାଣ କାମ ଆରମ୍ଭ ହୋଇଥିବାବେଳେ ୧୮ ମାସ ଭିତରେ ଅର୍ଥାତ୍ ଚଳିତବର୍ଷ ଜୁନ୍ ୭ ତାରିଖ ସୁଦ୍ଧା କାମ ସାରିବାକୁ ସମୟ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ନିର୍ମାଣର ଅଗ୍ରଗତିକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶ୍ନବାଚୀ ଉଠାଇଛନ୍ତି। ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣ ପାଇଁ ଆଉ କେତେ ବର୍ଷ ଲାଗିବ ବୋଲି ତାତ୍ପର୍ଯ୍ୟ କରିଛନ୍ତି।

ଏସମ୍ପର୍କରେ ଓବିସିସି ଡିଭିଜନ୍-୨ ପ୍ରକଳ୍ପ ପରିଚାଳକ ସୁନ୍ଦର ମାଧବ ପାଢ଼ୀ କହିଛନ୍ତି, ଓଡ଼ିଆ ବିଶ୍ୱବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ଆଉ ଦୁଇ ମାସ ଭିତରେ ସରିଯିବ। ନକ୍ସାରେ କିଛିଟା ପରିବର୍ତ୍ତନ ସହ କିଛି ଅତ୍ୟାଧୁନିକ ଆସବାବପତ୍ର ଲାଗୁଥିବାରୁ ନିର୍ମାଣ କାର୍ଯ୍ୟରେ ବିଳମ୍ବ ହୋଇଛି। ତଥାପି ନିର୍ମାଣ କାର୍ଯ୍ୟ ନ ସରିବା ପର୍ଯ୍ୟନ୍ତ, ପାନ୍ଥନିବାସରେ ଅସ୍ଥାୟୀ ଭାବେ ପାଠପଢ଼ା ଚାଲିବାକୁ ସ୍ଥିର ହୋଇଛି। ସତ୍ୟବାଦୀ ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟ ପରିସରରେ ଥିବା ଛାତ୍ରାବାସରେ ଛାତ୍ରଛାତ୍ରୀମାନେ ରହିବେ। ଏଥିପାଇଁ ଓବିସିସି ପକ୍ଷରୁ ପାନ୍ଥନିବାସର ଆବଶ୍ୟକ ପୁନରୁଦ୍ଧାର କାମ କରାଯାଉଛି। ଛାତ୍ରାବାସର ବି ଆବଶ୍ୟକ ପୁନରୁଦ୍ଧାର କାମ ଜାରି ରହିଛି। ପାନ୍ଥନିବାସରେ କୁଳପତିଙ୍କ ଚାମ୍ବର ସହ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଛି। ପାଠପଢ଼ା ପାଇଁ ପାନ୍ଥନିବାସରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ପାଇଁ ଆସିଥିବା ଚେୟାର, ଟେବୁଲ୍ ସବୁ ପଡ଼ିବ। ପରେ ବିଶ୍ୱବିଦ୍ୟାଳୟ କୋଠା ନିର୍ମାଣ ପରେ ଏଗୁଡ଼ିକୁ ସ୍ଥାନାନ୍ତର କରାଯିବ। ପାଠପଢ଼ା ଓ ଛାତ୍ରାବାସରେ ଛାତ୍ରଛାତ୍ରୀମାନେ ରହିବା ପାଇଁ ଆବଶ୍ୟକ ଶୌଚାଳୟର ମରାମତି, ରଙ୍ଗ କାମ, ପାଣି ପାଇଁ ଫିଲ୍‌ଟର ଆଦିର ବ୍ୟବସ୍ଥା କରାଯାଉଛି ବୋଲି ଶ୍ରୀ ପାଢ଼ୀ କହିଛନ୍ତି।

କେନ୍ଦୁଝରଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀରେ ୨୮୧ଟି ଅଭିଯୋଗ

କେନ୍ଦୁଝର, ୦୫/୦୯ (ନି.ପ୍ର): ୪ ତାରିଖ ସୋମବାର ଦିନ ଜିଲ୍ଲାପାଳ ଆଶିଷ ଠାକରେ ଏବଂ ଆରକ୍ଷୀ ଅଧିକ୍ଷକ ନିତିନ କୁଶଲକରଙ୍କ ଅଧକ୍ଷତାରେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ମୋଟ୍ ୨୮୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୯୩ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ସମୁଦାୟ ଅଭିଯୋଗ ମଧ୍ୟରୁ ୪୦ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା / ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୨୪୧ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ, ପିଏ ଆଇ.ଟି.ଡି.ଏ କେନ୍ଦୁଝର ତପନ କୁମାର ନାଏକ, ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଏସ୍.ଡି.ପି.ଓ ମହେନ୍ଦ୍ରନାଥ ମୁର୍ମୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ କିଶୋର କୁମାର ପୃଷ୍ଟି, ଡେପୁଟି କଲେକ୍ଟର (ଆପତକାଳୀନ) ସୁରଞ୍ଜିକା ବେହେରା, ଡେପୁଟି କଲେକ୍ଟର ସୁଚିସ୍ମିତା ଦାଶ, କେନ୍ଦୁଝର ସଦର ବିଡିଓ ବିକାଶ ଚନ୍ଦ୍ର ସାହୁ, କେନ୍ଦୁଝର ତହସିଲଦାର ଆଶିଷ ମହାପାତ୍ର ଏବଂ କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡାଃ ମଧୁସ୍ମିତା ସାମନ୍ତରାୟଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ୨୮ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା । ୧୦ ଜଣ ହିତାଧିକାରୀଙ୍କୁ ମୋଟରାଇଜ୍ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା ।

୨ ଆକ୍ରମଣ ମାମଲାରେ ୨ ଅଦାଲତ ଚାଲାଣ

କୋରେଇ, ୦୫/୦୯ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ପାଟସାହି ଗ୍ରାମରେ ଛେଳି ଶସ୍ୟ ଖାଇ ଦେବା ନେଇ ଦୁଇ ପରିବାର ମଧ୍ୟରେ ମାରପିଟ ହୋଇଥିଲା । ଏକ ନାବାଳକକୁ ଲୁହା ରଡ଼ରେ ମରଣାନ୍ତକ ଆକ୍ରମଣ କରିବାରୁ ଅଭିଯୋଗ କ୍ରମେ ପୁଲିସ ମାମଲା ରୁଜୁ କରିବା ସହ ପ୍ରତିପକ୍ଷ ଆକ୍ରମଣ ମାମଲାରେ ମଧ୍ୟ ଅଭିଯୋଗ କରାଯାଇଥିଲା । ଆଜି ଉଭୟ ପକ୍ଷର ୨ ଅଭିଯୁକ୍ତକୁ ଗିରଫ କରି ପୁଲିସ ଅଦାଲତ ଚାଲାଣ କରିଛି। ସୂଚନାନୁସାରେ ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ପାଟସାହି ଗ୍ରାମର ସ୍ୱର୍ଗତ ପରିକ୍ଷିତ ମୁଣ୍ଡାଙ୍କ ପୁଅ ରାଜୁ ମୁଣ୍ଡାର ଛେଳି କୁନା ମୁଣ୍ଡାର ଚାଷ ଜମିରେ ପଶି ଶସ୍ୟ ନଷ୍ଟ କରୁଥିବାରୁ କୁନାର ନାବାଳକ ପୁଅ ଅର୍ଜୁନ ଏହା ବିରୋଧ କରିଥିଲା । ଏହାର ପ୍ରତିବାଦରେ ରାଜୁ ମଣ୍ଡା ଓ ତାର ସ୍ତ୍ରୀ ଟେରି ମୁଣ୍ଡା ଅର୍ଜୁନର ମୁଣ୍ଡକୁ ଏକ ଲୁହା ରଡ଼ରେ ଆକ୍ରମଣ କରି ଫଟାଇଦେଇଥିଲା। ଏହି ସମୟରେ ଅର୍ଜୁନର ମାଉସୀ ସବିତା ବିରୋଧ କରିବାରୁ ରାଜୁ ସବିତାକୁ ମଧ୍ୟ ଲୁହା ରଡ଼ରେ ଆକ୍ରମଣ କରି ତାର ହାତକୁ ଭାଙ୍ଗି ଦେଇଥିଲା। ପରେ ସବିତାଙ୍କ ଅଭିଯୋଗ କ୍ରମେ ପାଣିକୋଇଲି ଥାନା ପୁଲିସ ଏକ ମାମଲା ୨୩୨/୨୩ ରୁଜୁ କରି ଥିବାବେଳେ ରାଜୁର ସ୍ତ୍ରୀ ଟେରୀର ଅଭିଯୋଗ ଅନୁସାରେ ପୁଲିସ ଅନ୍ୟ ଏକ ମାମଲା ୨୩୩/୨୩ ରୁଜୁ କରି ଦୁଇ ଅଭିଯୁକ୍ତ ପରୀକ୍ଷିତ ମୁଣ୍ଡାଙ୍କ ରାଜୁ ମୁଣ୍ଡା (୩୬) ଓ କୃଷ୍ଣ ମୁଣ୍ଡାଙ୍କ ପୁଅ କୁନା ମୁଣ୍ଡା (୪୦)କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ତଦନ୍ତାଧିକାରୀ ଏଏସଆଇ ସୁଜିତ କୁମାର ମଲ୍ଲିକଙ୍କ ଠାରୁ ପ୍ରକାଶ।

ସର୍ବଭାରତୀୟ ଚାଟାର୍ଡ଼ ଏକାଉଟାଂଟ(ସିଏ) ଛାତ୍ର କନଫରେନ୍ସରେ ସ୍ୱରାଜ ବାବୁଙ୍କ ଉପସ୍ଥାପନା ଶ୍ରେଷ୍ଠ

ସମ୍ବଲପୁର, ୦୫/୦୯ (ନି.ପ୍ର): ଗତ ସେପ୍ଟେମ୍ବର ୨ ଓ ୩ ତାରିଖ ଦୁଇଦିନ ଧରି ଚେନ୍ନାଇ ଠାରେ ସର୍ବଭାରତୀୟ ଚଟାର୍ଡ଼ ଏକାଉଟାଂଟ(ସିଏ) ଛାତ୍ର କନଫରେନ୍ସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁରର ସ୍ୱରାଜ ବାବୁଙ୍କ ଉପସ୍ଥାପନା ସର୍ବ ଭାରତୀୟ ସ୍ତରରେ ସର୍ବଶ୍ରେଷ୍ଠ ବିବେଚିତ ହୋଇ ପୁରସ୍କୃତ ହୋଇଛି। ଭାରତୀୟ ଚାଟାର୍ଡ଼ ଏକାଉଟେଣ୍ଟ ସଂସ୍ଥାର ଦକ୍ଷିଣ ଭାରତ ଆଂଚଳିକ ପରିଷଦ, ଚେନ୍ନାଇର ପୃଷ୍ଠାପୋଷକତାରେ ଭାରତୀୟ ଚାଟାର୍ଡ଼ ଏକାଉଟେଂଟ ପ୍ରତିଷ୍ଠାନ ଷ୍ଟୁଡେଂଟ ସ୍କିଲ ଏନରିଚମେଂଟ ବୋର୍ଡ ଅଫ୍ ଷ୍ଟଡିଜ(ଏସ୍‌ଏସ୍‌ଇବିଏସ୍) ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସୂଚନାଯୋଗ୍ୟ ସ୍ୱରାଜ ବାବୁ ସମ୍ବଲପୁରର ବିଶିଷ୍ଟ ଶିକ୍ଷାବିତ ଭକ୍ତ ପ୍ରସାଦ ନନ୍ଦଙ୍କ ନାତି।

ତିନି ଦିନିଆ ସାମର୍ଥ୍ୟ ତାଲିମି ଶିବିର ଅନୁଷ୍ଠିତ

ମାଲକାନଗିରି, ୦୫/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲା ସମଗ୍ର ଶିକ୍ଷା ଅନୁଦାନରେ ମାଥିଲି ବ୍ଲକ ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଅନ୍ତନିର୍ବେଶୀ ଶିକ୍ଷା ସମ୍ବନ୍ଧୀୟ ତିନି ଦିନିଆ ତାଲିମି ଶିବିର ସାମର୍ଥ୍ୟ ଅନୁଷ୍ଠିତ ହୋଇଯାଇଛି । ମାଥିଲି ପଂଚାୟତ ଅନ୍ତର୍ଗତ ତଳସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ନୂଆଗୁଡା ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ସାଙ୍ଗରେ ମୋଟ ୧୦୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଗୋଷ୍ଠି ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସ, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଆର. ଯେସୁ ଦାସ, ସତୀଶ ଚନ୍ଦ୍ର ନାୟକ ଉପସ୍ଥିତ ରହି ଉଦଘାଟନ କରିଥିଲେ। ବ୍ଲକ୍ ସାଧନ କର୍ମୀ ଦାୟିତ୍ୱରେ ଥିବା ରତ୍ନାକର ପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାଧନ କର୍ମୀ ସାରଦା ପ୍ରସାଦ ସାହୁ, ଉମାକାନ୍ତ ଛୋଟରାୟ, ମଳୟ କୁମାର ସାମଲ ଓ ବିଶ୍ୱ ପାଣ୍ଡେ ତାଲିମ କାର୍ଯ୍ୟ ପରିଚାଳନା କରିଥିଲେ । ୨୦୧୬ ଆରପିଡବ୍ଲୁଡି ଆଇନ ଅନୁଯାୟୀ, ୨୧ ପ୍ରକାର ଦିବ୍ୟାଙ୍ଗ ଚିହ୍ନଟିକରଣ, ପ୍ରକାରଭେଦ, ସେମାନଙ୍କ ଅଧିକାର ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କୁ କିପରି ସାଧାରଣ ବିଦ୍ୟାଳୟରେ ତାଲିମ ପ୍ରଦାନ କରାଯାଇଥିଲା । ସାଧନ କର୍ମୀ ମାନେ କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରହଣ କରିଥିବା ବିଭିନ୍ନ ଯୋଜନା, ସହାୟତା ରାଶି, ବାଣୀଶ୍ରୀ, ଏସ୍କର୍ଟ ଭତା, ଉଚ୍ଚ ଶିକ୍ଷା ପାଇଁ ବିଭିନ୍ନ ପ୍ରୋତ୍ସାହନ ସହ ଏକକ ନମ୍ବର ଏବଂ ସ୍ୱାବଲମ୍ବନ ମୋବାଇଲ ଆପ, ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ନିଶ୍ଚିତ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ଅନୁଯାୟୀ, ଜଣେ ସାଧାରଣ ଶିକ୍ଷ୍ୟାର୍ଥୀ ସହିତ ଦିବ୍ୟାଙ୍ଗ ଶିକ୍ଷ୍ୟାର୍ଥୀ କିପରି ସାଧାରଣ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷାଦାନ ଦେଇପାରିବେ ସେ ସଂପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଦୟା ନୁହେଁ, ବରଂ ଦିବ୍ୟାଙ୍ଗ ଶିକ୍ଷ୍ୟାର୍ଥୀ ତାର ଅଧିକାର ପ୍ରକାରରେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ମତ ପ୍ରକାଶ ପାଇଥିଲା। ଏହାରି ମଧ୍ୟରେ ଜଣେ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ବିଦ୍ୟାଳୟକୁ ଆସି ନ ପାରିଲେ ସମ୍ପୃକ୍ତ ବିଦ୍ୟାର୍ଥୀ ଘରେ ମଧ୍ୟାହ୍ନ ଭୋଜନ ବାବଦକୁ ଶୁଖିଲା ଖାଦ୍ୟ ଯୋଗାଇ ଦେବାକୁ ସୂଚନା ଦିଆଯାଇଥିଲା।

ତୀର୍ଥ ପୁଷ୍କରିଣୀ ବିକାଶ ପ୍ରକଳ୍ପ: ମିଳୁନି ପଥର, ଅଟକିଛି କାମ

ପୁରୀ, ୦୫/୦୯ (ନି.ପ୍ର): ନୂଆ ରୂପ ନେଉଛି ଐତିହ୍ୟ ପୁଷ୍କରିଣୀ। ୬୪ କୋଟି ବ୍ୟୟରେ ଶ୍ରୀକ୍ଷେତ୍ରର ୪ଟି ପବିତ୍ର ତୀର୍ଥ ପୁଷ୍କରିଣୀ ପାଇଁ ବିକାଶ କାର୍ଯ୍ୟ ଚାଲୁରହିଛି। କିନ୍ତୁ ସେ ?ଦର୍ଯ୍ୟୀକରଣ ପାଇଁ ଆବଶ୍ୟକ ଖଣ୍ଡୋଲାଇଟ ପଥରର ଅଭାବ କାର୍ଯ୍ୟରେ ବାଧା ସୃଷ୍ଟି କରିଛି। ସୌନ୍ଦର୍ଯ୍ୟୀକରଣ କାର୍ଯ୍ୟରେ ଖଣ୍ଡୋଲାଇଟ ପଥର ବ୍ୟବହାର ହେଉଛି। ପୁଷ୍କରିଣୀ ଚତୁଃପାର୍ଶ୍ୱରେ ପାଚେରି କାନ୍ଥରେ ସରୋବରର କାହାଣୀ ବଖାଣିବା ପାଇଁ ପ୍ୟାନେଲ୍‌ରେ ଖଣ୍ଡୋଲାଇଟ ପଥର କାରୁକାର୍ଯ୍ୟ ଖଞ୍ଜାଯାଉଛି। ପଥର ଆବଶ୍ୟକ ମୁତାବକ ମିଳୁନଥିବାରୁ କାରିଗରମାନେ ସୌନ୍ଦର୍ଯ୍ୟୀକରଣ କାର୍ଯ୍ୟ ଆଗେଇ ନେଇପାରୁନାହାନ୍ତି। ଏକକାଳୀନ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସହ ଐତିହ୍ୟ ନରେନ୍ଦ୍ର ପୁଷ୍କରିଣୀ ସମେତ ଇନ୍ଦ୍ରଦ୍ୟୁମ୍ନ, ଶ୍ୱେତଗଙ୍ଗା, ମାର୍କଣ୍ଡ ପୁଷ୍କରିଣୀ ଓ ମାର୍କେଟର ଉନ୍ନତୀକରଣ କାର୍ଯ୍ୟରେ ବହୁ ଖଣ୍ଡୋଲାଇଟ ପଥରର ବିନିଯୋଗ ହେଉଛି। ଏଣେ ଯଦିଓ ପୁଷ୍କରିଣୀଗୁଡ଼ିକର ଉନ୍ନତୀକରଣ କାର୍ଯ୍ୟ ୧୮ ମାସ ମଧ୍ୟରେ ସାରିବାକୁ ନିର୍ଦ୍ଦେଶ ରହିଛି, କିନ୍ତୁ ଖଣ୍ଡୋଲାଇଟ ପଥର ଯୋଗାଣ ସମୟ ମୁତାବକ ହୋଇପାରୁନଥିବାରୁ କାରିଗରୀ କାର୍ଯ୍ୟ ଆଗେଇ ପାରୁନାହିଁ। ସମସ୍ତ କାର୍ଯ୍ୟ ଗତ ବର୍ଷ ଜୁନ ମାସରୁ ଆରମ୍ଭ ହୋଇଥିବା ବେଳେ ଇତି ମଧ୍ୟରେ ୧୫ ମାସ ବିତିସାରିଛି। ମାତ୍ର ପ୍ୟାନେଲ୍ କାମ କେଉଁଠାରେ ବି ୨୦ ପ୍ରତିଶତ ଶେଷ ହୋଇନାହିଁ। ତେଣୁ ଚଳିତ ବର୍ଷ ନଭେମ୍ବର ସୁଦ୍ଧା କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଥିଲେ ହେଁ ଏହା ସମ୍ଭବ ହେବ ନାହିଁ ବୋଲି ଓବିସିସିର ଅଧିକାରୀମାନେ ଇସାରା ଦେଇ ସାରିଲେଣି। ଶ୍ରୀକ୍ଷେତ୍ରର ୪ଟି ତୀର୍ଥ ପୁଷ୍କରିଣୀର ଉନ୍ନତୀକରଣରେ ୬୪କୋଟି ଟଙ୍କା ଖର୍ଚ୍ଚ ହେଉଛି। ପୁଷ୍କରିଣୀ ଜଳକୁ ବିଶୋଧନ କରିବା ପାଇଁ ପ୍ରାକୃତିକ ଉପାୟ ଆପଣାଯାଉଛି। ତୀର୍ଥ ପୁଷ୍କରିଣୀକୁ ଆକର୍ଷଣୀୟ କରିବା ପାଇଁ ପାଚେରି ଗାତ୍ରରେ ସେଇ ପୁଷ୍କରିଣୀର ଐତିହ୍ୟକୁ ସ୍ଥାନିତ କରାଯାଉଛି। କୁଶଳୀ କାରିଗରମାନଙ୍କ ଦ୍ୱାରା ଖଣ୍ଡୋଲାଇଟ୍ ପଥରରେ ବିଭିନ୍ନ ଐତିହ୍ୟକୁ ରୂପ ଦେଇ ସ୍ଥାନିତ କରାଯାଉଛି। ଇତିମଧ୍ୟରେ ନରେନ୍ଦ୍ର ପୁଷ୍କରିଣୀର ପାଚେରି ଗାତ୍ରରେ ଦଶାବତାର ସ୍ଥାପିତ ହୋଇସାରିଛି। ମାତ୍ର ପଥର ଅଭାବରୁ ଏହି କାମ ଆଗେଇବାରେ ସମସ୍ୟା ହେଉଛି। ପୁଷ୍କରିଣୀକୁ ଯାଇଥିବା ପାହାଚଗୁଡ଼ିକୁ ମରାମତି କରାଯାଉଛି। ପୁଷ୍କରିଣୀ ଚତୁଃପାର୍ଶ୍ୱ ପାହାଚରେ ପାଦଚଲା ରାସ୍ତା ପ୍ରସ୍ତୁତ କରାଯାଉଛି। ପର୍ଯ୍ୟଟକମାନେ ବସିବା ପାଇଁ ବେଞ୍ଚ ସ୍ଥାପନ ହେଉଛି। କିଛି କାର୍ଯ୍ୟ ସରିଥିଲେ ବି ବହୁ ନିର୍ମାଣ କାମ ବାକି ରହିଛି। ୨୮୨ଟି ପ୍ୟାନେଲର କାରିଗରୀ କାମ ବାକି ଥିବା ବେଳେ ଏପର୍ଯ୍ୟନ୍ତ ମାତ୍ର ୧୦ଟି ପ୍ୟାନେଲ କାର୍ଯ୍ୟ ଶେଷ ହୋଇଛି। ପର୍ଯ୍ୟଟକଙ୍କୁ ସ୍ୱାଗତ କରିବା ପାଇଁ ଚନ୍ଦନ ଯାତ୍ରାର ଥିମ୍‌କୁ ନେଇ ସୁଦୃଶ୍ୟ ତୋରଣ ନିର୍ମିତ ହେବାକୁ ବାକି ରହିଛି। ଏଥିସହ ଚତୁଃପାର୍ଶ୍ୱ ଆଲୋକୀକରଣ କରାଯିବ। ୭୦ଟି ଏଲ୍‌ଇଡି ଲାଇଟ୍ ସହ ୬ଟି ହାଇମାଷ୍ଟ ଲାଇଟ୍ ଲଗାଯିବ। ଭକ୍ତି ସଂଗୀତ ପରିବେଷଣ ଓ ସଚେତନ କରିବା ପାଇଁ ସାଉଣ୍ଡ ବକ୍ସ ଓ କାହାଳୀ ଥିବା ବେଳେ ଆହୁରି ଉନ୍ନତ ଧରଣର ସାଉଣ୍ଡ ବକ୍ସ ଲଗାଯିବ। ନରେନ୍ଦ୍ର ନିକଟରେ ଟୁଟି ପକାଇବା ପାଇଁ ପୂର୍ବରୁ ଏକ ବାରିକ ଚାଳି ରହିଥିବା ବେଳେ ଏଥିପାଇଁ ଏକ ନିର୍ଦ୍ଦିଷ୍ଟ ଚାଳି ପ୍ରସ୍ତୁତ ହେବ। କିନ୍ତୁ ସମୟସାପେକ୍ଷ ପ୍ୟାନେଲ କାର୍ଯ୍ୟ ସହ ଏବେ ବି ବହୁ କାମ ଖଣ୍ଡୋଲାଇଟ ପଥର ଅଭାବରୁ ହୋଇପାରୁନାହିଁ। ଏନେଇ ଓବିସିସିର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରୀଧର ରାଉତଙ୍କ କହିଛନ୍ତି, ଗୁଣାତ୍ମକ ଖଣ୍ଡୋଲାଇଟ ପଥର ମିଳିବାରେ ବିଳମ୍ବ ଯୋଗୁଁକାମ ବିଳମ୍ବ ହୋଇଛି। ଏହି ପଥର କେବଳ ଖୋର୍ଦ୍ଧା ଜିଲ୍ଲାର ନରଣଗଡ଼ରୁ ଆସୁଛି। ବର୍ତ୍ତମାନ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ପଥର ଯାଉଥିବାରୁ ନରେନ୍ଦ୍ର ସରୋବର ପାଇଁ ପଥର ଆବଶ୍ୟକ ପଥର ଯୋଗାଣରେ ବିଳମ୍ବ ହେଉଛି ବୋଲି ସେ କହିଛନ୍ତି।

ଆସନ୍ତା ୯ରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଗଞ୍ଜାମ, ୦୫/୦୯ (ନି.ପ୍ର): ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ୯ ତାରିଖ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ସ୍ଥିତ ଜିଲ୍ଲା କୋର୍ଟ ସହିତ ଅନ୍ୟ ସମସ୍ତ କୋର୍ଟ ପରିସରରେ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ରାଷ୍ଟ୍ରୀୟ ଲୋକ ଅଦାଲତରେ ଫୌଜଦାରୀ, ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିଭାଗ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିଭାଗ, ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକ

ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ସୁବର୍ଣ୍ଣ ଜୟନ୍ତୀରେ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା

ଉଦଳା, ୦୫/୦୯ (ନି.ପ୍ର):ଏହି ଅନିତ୍ୟ ଓ କ୍ଷଣଭଙ୍ଗୁର ସଂସାରରେ ବ୍ୟକ୍ତିର ନିସ୍ୱାର୍ଥପର ସେବା, ସମର୍ପଣ, କୃତି ଓ କୃତିତ୍ୱର ବାସ୍ତବରେ ତୁଳନା ନଥାଏ । ତେବେ ବ୍ୟକ୍ତିର ଏହି ମହୋନୀୟ ସେବା, ସମର୍ପଣ ଓ ସାମର୍ଥ୍ୟକୁ ଠିକଣା ରୂପରେ ଚିହ୍ନଟ କରି ତାକୁ ସାମାଜିକ ସ୍ୱୀକୃତି ପ୍ରଦାନ ସହ ଉପଯୁକ୍ତ ଭାବରେ ସମ୍ମାନିତ ଓ ସମ୍ବର୍ଦ୍ଧିତ କରିପାରିଲେ ତାହାହିଁ ଉତର ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରୁହେ । ସେହିଭଳି ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ତାର ପ୍ରତିଷ୍ଠାର ୫୦ ବର୍ଷ ପୂର୍ତ୍ତିରେ ସୁବର୍ଣ୍ଣ ଜୟନ୍ତୀର ଶୁଭ ଅବସରରେ ପରିଷଦର କେତେଜଣ ପୁର୍ବତନ ନିସ୍ୱାର୍ଥପର ଓ କରିତ୍‌କର୍ମା ନଗରପାଳ, ଉପନଗରପାଳ ତଥା ପରିଷଦ ର ସ୍ଥାୟୀ ଅଧିବାସୀ କୃତବିଦ୍ୟ ଅଧ୍ୟାପକ, ଶିକ୍ଷକ ଓ ଆଇନଜୀବୀ; ସଫଳ ସାମ୍ବାଦିକ, ଯଶସ୍ୱୀ କଳାକାର ଓ ନିଆରା ଶିଳ୍ପୀ ମାନଙ୍କୁ ମାନପତ୍ର, ଟ୍ରଫି ଓ ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରି ପୂଜ୍ୟ ପୂଜାର ମହାନ ପରମ୍ପରାକୁ ଉଜ୍ଜୀବିତ କରିପାରିଛି; ଯାହାକି ଉତର ପିଢ଼ି ମାନଙ୍କ ପାଇଁ ଏକ ସ୍ୱର୍ଣ୍ଣିମ ଇତିହାସ ସୃଷ୍ଟି କରିପାରିଛି । ଗତ ତା. ୩୧/୦୮/୨୦୨୩ ରିଖ ଠାରୁ୦୧-୦୯-୨୦୨୩ ରିଖ ପର୍ଯ୍ୟନ୍ତ ଦୁଇଦିନ ଧରି ବିଜ୍ଞାପିତ ଅଂଚଳ ପରିଷଦର ଅଧକ୍ଷ ଶ୍ରୀମତୀ ପ୍ରମିଳା ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ସମ୍ବର୍ଦ୍ଧନା ପର୍ବରେ ପ୍ରଥମ ଦିନର ମୁଖ୍ୟ ଅତିଥି ଉଦଳାର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଭାସ୍କର ଚନ୍ଦ୍ର ମଢ଼େଇ ଓ ଦ୍ୱିତୀୟ ଦିନର ମୁଖ୍ୟ ଅତିଥି ତଥା ରାଜ୍ୟର ମାନ୍ୟବର ଗଣଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ସୁଦାମ ମାର୍ଣ୍ଡି ଓ ବିଶିଷ୍ଟ ଅତିଥି ରାଜ୍ୟର ମାନ୍ୟବର ମିଶନଶକ୍ତି ଓ ଶିଶୁ ବିକାଶ ବିଭାଗର ରାଷ୍ଟ୍ର ମନ୍ତ୍ରୀ ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ ଓ ମଂଚାସୀନ ଅନ୍ୟାନ୍ୟ ଅତିଥି ମାନେ ପରିଷଦର ପୁର୍ବତନ ସମର୍ପିତ ଓ ସୁଦକ୍ଷ ନଗରପାଳ ଲକ୍ଷ୍ମୀକାନ୍ତ ବାରିକ, ମନୋଜ କୁମାର ମହାନ୍ତି, ପ୍ରେମଲତା ଜେନା, ସୌଭାଗ୍ୟ କୁମାର ସାହୁ, ବହୁ ଜନପ୍ରିୟ ଉପନଗରପାଳ ପ୍ରଭାତ କୁମାର ପରିଡ଼ା, ଶୋଭାରାଣୀ ଦାଶ, ସ୍ନେହଲତା ପଣ୍ଡା, ବିଦ୍ୟାଧର ମୁଖୀ, ମାର୍ଶାଲ ମାଝୀ, ପ୍ରଦୀପ କୁମାର ଦାସ ଓ ଶ୍ରୀକାନ୍ତ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳେ ବର୍ଷୀୟାନ କବି ତଥା ଅବସରପ୍ରାପ୍ତ ଅଧକ୍ଷ ଭାବରେ ଡ଼କ୍ଟର ଦିଲୀପ କୁମାର ଦୀକ୍ଷିତ, ବିଶିଷ୍ଟ ଆଇନଜୀବୀ ଓ ସମାଜସେବୀ ଭାବରେ ବସନ୍ତ କୁମାର ପରିଡ଼ା, ଅବସରପ୍ରାପ୍ତ

କୃତୀ ପ୍ରଧାନ ଶିକ୍ଷକ ଓ ସାରସ୍ୱତ ସାଧକ ଭାବରେ ରବିକାନ୍ତ ମହାପାତ୍ର ଓ କିଶୋର ଚନ୍ଦ୍ର ଦାସବାବୁ; ଜାତୀୟ ସେବା ଯୋଜନାରେ ଉତ୍ସର୍ଗୀକୃତ ସେବା ପାଇଁ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅଧ୍ୟାପକ ଦିଲୀପ କୁମାର ପ୍ରମାଣିକ, ଯଶସ୍ୱୀ ଯୋଗଗୁରୁ ଭାବରେ ବ୍ରହ୍ମାନନ୍ଦ ନାୟକ, ନିପୁଣା ଓଡ଼ିଶୀ ନୃତ୍ୟ ଗୁରୁ ଭାବରେ ଦିଗ୍‌ବାଳା ପରିଡ଼ା ତଥା ବରିଷ୍ଠ ଚିତ୍ରଶିଳ୍ପୀ ଭାବରେ ରାଜାରାମ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ସମ୍ବର୍ଦ୍ଧନା ସଭାରେ ସମ୍ବର୍ଦ୍ଧିତ ଅନ୍ୟ ପ୍ରତିଭା ମାନଙ୍କ ମଧ୍ୟରେ କୋକିଳକଣ୍ଠୀ ଗାୟିକା ଉପାସନା ସାହୁ, ଜଗନ୍ନାଥଙ୍କର ମୂର୍ତ୍ତି ନିର୍ମାଣର ନିଆରା ଶିଳ୍ପୀ ତୁଷାର ମହାନ୍ତି ଓ ଇଂ. ନାରାୟଣ ପୃଷ୍ଟି, ଜିତେନ୍ଦ୍ର ହେମ୍ବ୍ରମ, ନଡ଼ିଆ ଖୋଳପାରେ ବିଜୁ ବାବୁଙ୍କ ଡ଼ାକୋଟା ବିମାନ ଗଢ଼ି ଚହଳ ପକାଇଥିବା ଶିଳ୍ପୀ ବିଜୟ କୁମାର ରଣା, ଓଡ଼ିଆ ଚଳଚ୍ଚିତ୍ରର ମଂଚ ସଜ୍ଜାର ବରିଷ୍ଠ ଚିତ୍ରଶିଳ୍ପୀ ରଂଜନ ପରିଡ଼ା ଥିବା ବେଳେ ଚଳିତ ବର୍ଷ ରାଜ୍ୟ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷାରେ ଉଦଳାରେ ସର୍ବୋଚ୍ଚ ନମ୍ବର ହାସଲ କରିଥିବା କୃତୀ ଛାତ୍ରୀ ସ୍ୱୟଂସିଦ୍ଧା ପରିଡ଼ା ଓ ଛାତ୍ର ଶୁଭଦୀପ ବିଦ୍ୟାଣୀ ତଥା ପରିଷଦ ଦ୍ୱାରା ପରିଚାଳିତ ବକ୍ତୃତା ପ୍ରତିଯୋଗିତାରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଉଦଳା ସରସ୍ୱତୀ ଶିଶୁ ମନ୍ଦିରର ଚିନ୍ମୟୀ ମହାନ୍ତି, ଅରୁପ କୁମାର ଭଂଜବାବୁ ଓ ସାଇଜିତ ବେହେରାଙ୍କୁ ଟ୍ରଫି ପ୍ରଦାନ ପୂର୍ବକ ସ୍ୱତନ୍ତ୍ର ଭାବରେ ପୁରସ୍କୃତ କରାଯାଇଥିଲା । ସମ୍ବର୍ଦ୍ଧନା ଶେଷରେ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମତୀ ଦିବ୍ୟାରତ୍ନା ଦାସ ସମ୍ବର୍ଦ୍ଧିତ ପ୍ରତିଭା ମାନଙ୍କୁ କୃତଜ୍ଞତା ଜଣାଇବା ସହ ସେମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ ।

ପ୍ରାଥମିକ ଶିକ୍ଷକ ସଂଘର ବାର୍ଷିକୋତ୍ସବ ଓ ସମ୍ବର୍ଦ୍ଧନା ସଭା

ଖଇରା, ୦୫/୦୯ (ନି.ପ୍ର): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଙ୍ଗଠନ ଖଇରା ଶାଖା ଆନୁକୂଲ୍ୟରେ ସଂଘର ସପ୍ତଦଶ ବାର୍ଷିକୋତ୍ସବ ଓ ଗୁରୁପୂଜା ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ସଂଘ ସଭାପତି କୈଳାସ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି, ବ୍ଲକଅଧ୍ୟକ୍ଷା ଅଭିଲିପ୍ସା ସାହୁ, ପ୍ରାକ୍ତନ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ନାୟକ ମୁଖ୍ୟବକ୍ତା, ବିଡିଓ ଉତ୍ତମ କୁମାର ଜେନା, ବିଇଓ ଗଦାଧର ଦାସ, ପ୍ରାକ୍ତନ ବିଇଓ ସୁଦର୍ଶନ ରାଉତ,ଏବିଇଓ ହେମନ୍ତ ମିଶ୍ର,ପାର୍ବତୀ ପଣ୍ଡା,ବିଆରସିସି ଗୌରାଙ୍ଗ ମହାପାତ୍ର, ଶିକ୍ଷକ ନେତା କମଳଲୋଚନ ଜେନା, ନାରାୟଣ ପେଡା,ଉଦୟ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଦିନବନ୍ଧୁ ଦାଶ ପ୍ରମୁଖ ସମ୍ମନୀତ ଅତିଥି ଭାବେ ଯୋଗ ଦେଇଥିଲେ ।ରିତାରାଣି ଦାସ ଅତିଥି ପରିଚୟ ଓ ଚିତ୍ତରଞ୍ଜନ ମହାପାତ୍ର ବିବରଣୀ ପାଠ କରିଥିଲେ । ମୁଖପତ୍ର ପ୍ରଜ୍ଞାଶ୍ରୀ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଚଳିତ ବର୍ଷ ଅବସର ଗ୍ରହଣ କରିଥିବା ଶିକ୍ଷକ କୈଳାସ ବେହେରା, ଲୋକନାଥ ସାହୁ, କୈଳାସ ମାଝୀ, ଶରତ ପଣ୍ଡା, ବିଜୟଲକ୍ଷ୍ମୀ ନନ୍ଦ, ଅଶିତ ଜେନା, ଶ୍ରୀଧର ବେହେରା, ସନ୍ଧ୍ୟାରାଣି ଦାସ, ନିରୂପମା ଦାସ, ଇଲାରାଣୀ କର, ହେମଲତା ନାୟକ, ହେମଲତା ନାୟକ, ଜ୍ଞାନେନ୍ଦ୍ର ଭୁୟାଁ, ବୁଦ୍ଧିରାମ ସିଂ ଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପ୍ରତାପ ଚନ୍ଦ୍ର ଲେଙ୍କାଙ୍କୁ ସରସ୍ୱତୀ ଶିଶୁ ସମ୍ମାନ ପ୍ରଦାନ କରାଯାଇଥିଲା । ପ୍ରଥମେ ଦିବଂଗତ ୪ଶିକ୍ଷକଙ୍କ ପାଇଁ ୧ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଜୟନ୍ତୀ ମହାପାତ୍ର, ସନ୍ତୋଷ ବାରିକ, ବଳରାମ ଜେନା, ଜନାର୍ଦ୍ଦନ ମହାପାତ୍ର, ହଳଧର ସାହୁ,ବିଜୟ କୁମାର ଦ୍ୱିବେଦୀ, ବିକ୍ରମ ବେହେରା, ନରାୟଣ ମହାପାତ୍ର, ରବିନାରାୟଣ ମହାରଣା ପ୍ରମୁଖ ସହଯୋଗ କରିଥିଲେ ।

ଖୋର୍ଦ୍ଧାରେ ପ୍ରେସ କ୍ଲବ ଗଠିତ

ଖୋର୍ଦ୍ଧା , ୦୫/୦୯ (ନି.ପ୍ର): ପ୍ରେସ କ୍ଲବ ଖୋର୍ଦ୍ଧା ଗଠନ ହୋଇ ଯାଇଛି । ଏହି କ୍ଲବ ର ସଭ୍ୟ ଖୋର୍ଦ୍ଧା ଜିଲ୍ଲାର ପ୍ରିଣ୍ଟ ମିଡ଼ିଆ ଓ ବୈଦ୍ୟୁତିକ ମିଡ଼ିଆ (1, ଏମ, ସି) ଛାଡି ସଭ୍ୟ ହୋଇଛନ୍ତି । ଅଗଷ୍ଟ ମାସ ଶେଷ ସପ୍ତାହରେ ଏକ ୧୬ ଜଣିଆ କମିଟି କରାଯାଇଥିଲା । ଏହି କମିଟି ସହ କ୍ଲବର୍ କାର୍ଯ୍ୟ କାରୀ କର୍ମ କର୍ତ୍ତା ନିର୍ବାଚିତ ହୋଇଥିଲେ ।୧, ସଭାପତି ସୁମ୍ରଂଶୁ କୁମାର ସମନ୍ତରାୟ (ଛୋଟ ବାପି) ନନ୍ଦିଘୋଷ ଟିଭୀ,୨, ସଂପାଦକ, ଦିଲୀପ କୁମାର ପଟ୍ଟନାୟକ, ଦର୍ଶନ ଦୈନିକ କାଗଜ, ୩,ଉପ ସଭାପତି ଲଳିତ ମହୋନ ମହାପାତ୍ର, ସମୟ ଦୈନିକ କାଗଜ, ୪,କୋସାଦକ୍ଷା , ବାଲାଜୀ ପାତ୍ର , ବିଷୟ, ସାପ୍ତାହିକ କାଗଜ,ସମ୍ପାଦକ, ଆଇନ,୫ ପରାମର୍ଶ ଦାତା ଅବ୍ୟକ୍ତ ଖାଡାଙ୍ଗା, ଓକିଲ ତଥା ସାମ୍ବାଦିକ ଉତ୍କଳ କଳିକା ଦୈନିକ କାଗଜ ଆଇନ ପରାମର୍ଶ ଦାତା,୬, ଉପଦେଷ୍ଟା ପ୍ରସନ୍ନ ପାଇକରାୟ ସଂଚାର ଦୈନିକ ଓ ତପନ ନାୟକ ବରିଷ୍ଠ ସାମ୍ବାଦିକ ,ଓ ସୂର୍ଯ୍ୟ ପ୍ରଭା । ସହକାରୀ ସଂପାଦକ ଯୁବ ପ୍ରତିଭା ରଣଜିତ୍ ସାମନ୍ତରାୟ ସରକାରୀ କାଗଜ ସକାଳ ,ଦୈନିକ ଓ ବୁବୁନା ଭଞ୍ଜ ବଡ଼ଖବର୍ ବୈଦ୍ୟୁତିକ ମିଡ଼ିଆ,, ଆଉ ୫ ଜଣ କାର୍ଯ୍ୟ କାରୀ ସଭ୍ୟ । କ୍ଲବ ବାଇଲ୍ ପ୍ରସ୍ତୁତ ହୋଇ ଉକ୍ତ ପ୍ରେସ କ୍ଲବ ରେଜିଷ୍ଟି କିପରି ହେବ ଏହାର ଦାୟିତ୍ୱ ଉକ୍ତ କମିଟି ଉପରେ ନେସ୍ତ କରାଯାଇ ଅଛି । ଉପରୋକ୍ତ କର୍ମ କର୍ତ୍ତା ଏକ ବର୍ଷ ପାଇଁ ରହିବେ । ଆସନ୍ତା ବର୍ଷ ସେପ୍ରମ୍ବର୍ ୨୦୨୪ ପର୍ଯ୍ୟନ୍ତ । ଏହା ପରେ ଆଉ ସିଲେକସନ ନ ହୋଇ ନିର୍ବାଚିତ ହେବେ । ସଭ୍ୟ ନିଶ୍ଚିତ ଆର, ଆଇ, ଏନ, ସ୍ୱୀକୃତ ପ୍ରାପ୍ତ କାଗଜ ଓ ବୈଦୁତିକ ମିଡ଼ିଆ ଜିଲ୍ଲା ପ୍ରତିନିଧି ସରକାରୀ ସ୍ୱୀକୃତି ପ୍ରାପ୍ତ ରହିବେ । କୌଣସି ବ୍ଲକ ପ୍ରତିନିଧି ରହିପାରିବେ ନାହିଁ । ଏଡ଼ିଟର ହୋଇ ଥିଲେ ତାଙ୍କ କାଗଜ ଆର, ଆଇ ନମ୍ବର ଓ ସ୍ୱୀକୃତି କାଗଜ ହୋଇ ଥିବ । ଏ ସବୁ ବାଇଲ ଅନୁଯାୟୀ ହେବ । ଆମର ଏହି ସାମ୍ବାଦିକ ଭବନ କୋଠା ବହୁ ଦିନ ହୋଇ ପଡ଼ିଥିଲା । ଏହାର କାର୍ଯ୍ୟ କାରୀ କରିବା ପାଇଁ ଯୁବ ସାମ୍ବାଦିକ ପ୍ରକାଶ କୁମାର ହାତୀ ଦ୍ୱାରା କାର୍ଯ୍ୟ କାରୀ ହେଲା । ତାଙ୍କୁ ସାହାଯ୍ୟ କରିବା ପାଇଁ କିଛି ଯୁବ ଓ ବାରିଷ୍ଟୁ ମିଡ଼ିଆ ସାହାଯ୍ୟ କରି ଥିଲେ । କାଳ କ୍ରମେ କିଛି ଉତ୍ସାହୀ ମିଡ଼ିଆ ଯୋଗ ଦେଇଥିଲେ । ସେ ମହାଶୟ ନିର୍ଶ୍ୱାର୍ଥ ପର ଭାବେ ଏହାକୁ ଚଲାଇ ଆସିଥିଲେ । ଏବେ ଜଗନ୍ନାଥ ଙ୍କ କୃପାରୁ ପ୍ରେସ କ୍ଲବ ଖୋର୍ଦ୍ଧା ହେବାକୁ ଯାଉଛି ଓ ନିଶ୍ଚିତ ହେବ । ହାତୀ ବାବୁ କହିବା ଅନୁଯାଇ ଏହି କ୍ଲବ ନିଏମ ଅନୁଯାୟୀ ହେବ । କୌଣସି ପ୍ରୀୟାପ୍ରିତ ରହିବ ନାହିଁ । ମେମ୍ବର ହେବାକୁ ହେଲେ ପ୍ରବେଶିକା ଫିସ ୧୦ଟଙ୍କା ଓ ମାସିକ ଚାନ୍ଦା ୨୦ ଟଙ୍କା ଦେବାକୁ ପଡିବ ଗୃହୀତ ହୋଇଛି ଆଉ ତଳଲିଖିତ । ଆଧାର କାର୍ଡ ଜେରକ୍ସ କପି, ପ୍ରିଣ୍ଟ ମିଡ଼ିଆ କାଗଜ ସରକାରୀ ସ୍ୱୀକୃତି ପ୍ରାପ୍ତ ଓ ଜିଲ୍ଲା ସାମ୍ବାଦିକ ହୋଇ ଥିବ, ବ୍ଲକ୍ ସାମ୍ବାଦିକ ରହି ପାରିବେ ନାହିଁ, ଖୋର୍ଦ୍ଧା ରୁ ପ୍ରକାଶ ପାଉଥିବା କାଗଜ ସରକାରି ସ୍ୱୀକୃତ ପାଇଥିବ, ବୈଦ୍ୟୁକ୍ ମିଡ଼ିଆ ଚାନେଲ ସ୍ୱୀକୃତି ପ୍ରାପ୍ତ ହୋଇ ଥିବ ,ଓ ୱେବ୍ ମିଡ଼ିଆ ମଧ୍ୟ ସରକାରୀ ସ୍ୱୀକୃତି ପ୍ରାପ୍ତ ହୋଇ ଥିବ । ସମସ୍ତ କାଗଜ ପତ୍ର ଜେରେକ୍ସ କପି ଓ ଟଙ୍କା ସଂପାଦକ କୁ ଦେବେ । ସଂପାଦକ ଏହା ତନଖି କୋଷାଧକ୍ଷ ଦେବେ କେବଳ ଟଙ୍କା । ଉକ୍ତ କମିଟି ଖୋର୍ଦ୍ଧା ସୂଚନା ଲୋକ ସମ୍ପର୍କ ଅଧିକାରୀ ଠାରୁ ସାମ୍ବାଦିକ ଙ୍କ ସମସ୍ତ ବିବରଣୀ ସଭ୍ୟ ଦେଇଥିବା କାଗଜ ସତ୍ୟା ସତ୍ୟ ଜାଣିବା ଉଚିତ । ସଭ୍ୟ ହେବା ପାଇଁ ଏକ ପ୍ରବେଶିକା ଫର୍ମ କରିବେ ଓ ଆସନ୍ତା ଜେନେରାଲ ସଭାରେ କର୍ମକର୍ତା ଶପଥ ନେବା ଉଚିତ ବୋଲି ହାତୀ ବାବୁ ଠାରୁ ପ୍ରକାଶ । ତାଙ୍କ ଉଦ୍ୟମ ଯୋଗୁ ଏତେ ବାଟ ଖୋର୍ଦ୍ଧା ସାମ୍ବାଦିକ ଭବନ ଚାଲିଛି । ସାମ୍ବାଦିକ ନିରାପଦା ରହିବ । ସେ ମହାଶୟ ଧନ୍ୟ ବାଦ ପାତ୍ର ।

ମେଡିକାଲ୍ କଲେଜ୍ ପ୍ରତିଷ୍ଠା ଆନ୍ଦୋଳନକୁ ସ୍ମରଣୀୟ କରିବାକୁ 'ପ୍ରେରଣା ଦିବସ' ସମାରୋହ

ବାଲେଶ୍ୱର, ୦୫/୦୯ (ନି.ପ୍ର): ସରକାରୀ ମେଡିକାଲ୍ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଫକୀରମୋହନ ସାହିତ୍ୟ ପରିଷଦର ସହଯୋଗରେ 'ପ୍ରେରଣା ଦିବସ' ସମାରୋହ ଶାନ୍ତିକାନନ ପରିସରରେ ମଙ୍ଗଳବାର ଦିନ ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱରରେ ସରକାରୀ ମେଡିକାଲ କଲେଜ୍ ପ୍ରତିଷ୍ଠା ଦାବିରେ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ବିଧାନ ସଭା ସମ୍ମୁଖରେ ଗଣଧାରଣା ଦେଇ ଏକ ବସ୍ ଯୋଗେ ଭୁବନେଶ୍ୱରରୁ ବାଲେଶ୍ୱର ଅଭିମୁଖେ ଫେରୁଥିବାବେଳେ ଗତ ୨୦୧୨ ସେପ୍ଟେମ୍ବର ୫ ତାରିଖ ଦିନ ରାତିରେ ସୋରର ଚାରିପୋଲିଆ ନିକଟରେ ଜାତୀୟ ରାଜପଥରୁ ପ୍ରାୟ ୩୦ ଫୁଟ୍ ତଳକୁ ଖସିପଡ଼ିଥିଲା । ବସ୍‌ରେ ଆସୁଥିବା ପ୍ରାୟ ୩୫ ଜଣ ଗୁରୁତର ଆହତ ହୋଇ ଦୀର୍ଘଦିନ ଚିକିତ୍ସିତ ହୋଇଥିଲେ । ସେହିପରି ଟ୍ରେନ୍ ଯୋଗେ ଆସୁଥିବା ଆନ୍ଦୋଳନକାରୀମାନେ ଏକ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ହୋଇଥିଲେ । ସେହିଦିନକୁ ସ୍ମରଣୀୟ କରିବା ପାଇଁ କ୍ରିୟାନୁଷ୍ଠାନ କମିଟି ପ୍ରତିବର୍ଷ

ପ୍ରେରଣା ଦିବସ ଭାବେ ପାଳନ କରିଆସୁଛି । ପ୍ରେରଣା ଦିବସ ସମାରୋହରେ କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ରପିଡ଼ା ଅଧକ୍ଷତା କରିଥିଲେ । ପୂର୍ବତନ ସଭାପତି ପ୍ରଫେସର ଅନନ୍ତ କୁମାର ପ୍ରଧାନ ଓ ମମତା ମହାପାତ୍ର, ସାଧାରଣ ସଂପାଦକ ପ୍ରଦୀପ ଦାସ ଓ ବ୍ରିଟ୍‌ର ଅଧକ୍ଷ ଆଲୋକ କୁମାର ସାହୁ ପ୍ରମୁଖ ଏହି ପ୍ରେରଣା ଦିବସର ତାତ୍ପର୍ଯ୍ୟ ସଂପର୍କରେ ମତ ଦେଇଥିଲେ । ସେଦିନ ଦୁର୍ଘଟଣାରେ ଆହତ ହୋଇଥିବା ସରସ୍ୱତୀ ପଣ୍ଡା, କୁମୁଦ ରଂଜନ ଗିରି, ରମେଶ ଚନ୍ଦ୍ର ଜେନା, ଜଗତାନନ୍ଦ ବିଶ୍ୱାଳ, ମନ୍ମଥ ସେନାପତି, କ୍ରିଷ୍ଣା ସାହାଙ୍କ ସମେତ ସୋରରୁ ମାୟାଧର ନାୟକ, ସଚୀନ୍ଦ୍ର ଦାସ, ଅର୍ଚ୍ଚନା ନନ୍ଦୀ, ଶ୍ରଦ୍ଧାଞ୍ଜଳି ପ୍ରଧାନ ପ୍ରମୁଖ ସେମାନଙ୍କ ପ୍ରତ୍ୟକ୍ଷ ଅଭିଜ୍ଞତାର ବିବରଣୀ ପ୍ରଦାନ କରିଥିଲେ । ଜନ ସଂପର୍କ ସଂପାଦକ ସମସ୍ତଙ୍କୁ ସ୍ୱାଗତ ଜଣାଇ ମଞ୍ଚ ଆହ୍ୱାନ କରିଥିଲେ । ସଭାକାର୍ଯ୍ୟ ପ୍ରାରମ୍ଭରେ ଫକୀରମୋହନଙ୍କ ପୂର୍ଣ୍ଣାୟବରେ ମାଲ୍ୟାର୍ପଣ କରାଯାଇଥିଲା । ଡକ୍ଟର କ୍ଷିତୀଶ୍ୱର ଦାଶ ବେଦପାଠ କରିଥିଲେ । ପ୍ରେରଣା ଦିବସ ଅବସରରେ ରେମୁଣା ଅଞ୍ଚଳର ବହୁ ଯୁବକ ଜିଲ୍ଲା ରକ୍ତ ଭଣ୍ଡାର ପରିସରରେ ରକ୍ତଦାନ କରିଥିଲେ । ଏହି ରକ୍ତଦାନ କାର୍ଯ୍ୟକ୍ରମକୁ ବ୍ରିଟ୍ ଅଧକ୍ଷ ଶ୍ରୀ ସାହୁ ଉଦ୍‌ଘାଟନ କରିଥିଲେ । ଶ୍ୟାମସୁନ୍ଦର ଜେନା, ଯୋଗେନ୍ଦ୍ର ମାହାର୍ଣ୍ଣା, ଦୀନବନ୍ଧୁ ଲେଙ୍କା, ପୁରସ୍ତମ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ନିରଞ୍ଜନ ରାଉତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

ରାଜ୍ୟରେ ଖୋଲିବ....

ସମ୍ପୃକ୍ତ ଆରଟିଓମାନେ ନିଜ ନିଜ ଅଂଚଳରେ ପ୍ରସ୍ତାବିତ କ୍ୟାମ୍ପ ଅଫିସରେ ବିଭିନ୍ନ ପରିବହନ ସେବା ଯୋଗାଇ ଦେବାକୁ ଉପସ୍ଥିତ ରହିବେ । ରାଜ୍ୟ ସଡ଼କ ଓ ପରିବହନ ବିଭାଗ ପକ୍ଷରୁ ରାଜ୍ୟ ପରିବହନ କମିଶନରଙ୍କୁ ଏହି ନୂଆ ୫୪ଟି କ୍ୟାମ୍ପ ଅଫିସ ଖୋଲିବାକୁ ସରକାର ଅନୁମତି ଦେଇଥିବା ନେଇ ଅବଗତ କରାଯାଇଛି । ରାଜ୍ୟ ପରିବହନ କମିଶନର ଗତ ଅଗଷ୍ଟ ୨୩ତାରିଖରେ ଏନେଇ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ । ଯାହାକୁ ଆଧାର କରି ରାଜ୍ୟ ସରକାର ଏହି ଅନୁମତି ଦେଇଛନ୍ତି । ଏସବୁ କ୍ୟାମ୍ପ ଅଫିସ୍ ସେହି ଜିଲ୍ଲାରେ ଥିବା ଆରଟିଓ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟ କରିବ ଓ ଆରଟିଓ ଅଫିସରେ ଭିଡ଼ ହ୍ରାସ କରାଇବ ବୋଲି ଜଣାପଡ଼ିଛି । ସୂଚନା ଅନୁସାରେ, ଗଞ୍ଜାମ ଜିଲ୍ଲାରେ ଦୁଇଟି ଆରଟିଓ ଗଞ୍ଜାମ ଓ ଭଞ୍ଜନଗରରେ ଥିବାବେଳେ କ୍ୟାମ୍ପ ଅଫିସ ଯଥାକ୍ରମେ ବ୍ରହ୍ମପୁର ଓ ଆସିକାରେ ଖୋଲିବ । ସେହିପରି କଳାହାଣ୍ଡିରେ ଆରଟିଓ ଅଫିସ୍ ଥିବାବେଳେ କ୍ୟାମ୍ପ ଅଫିସ ଧର୍ମଗଡ଼, ମୟୂରଭଞ୍ଜର ରାଇରଙ୍ଗପୁରରେ ଆରଟିଓ ଅଫିସ ଅଧୀନରେ କରଞ୍ଜିଆ, ବାରିପଦା ଆରଟିଓ ଅଧୀନରେ ବେତନଟୀରେ କ୍ୟାମ୍ପ ଅଫିସ୍ ଖୋଲିବ । ସେହିପରି ବଲାଙ୍ଗିର ଆରଟିଓ ଅଧୀନରେ କଂଟାବାଞ୍ଜି ଓ ଟିଟିଲାଗଡ଼ , ସମ୍ବଲପୁର ଆରଟିଓ ଅଧୀନରେ ରେଢ଼ାଖୋଲ ଓ କୁଚିଣ୍ଡା, ଜଗତସିଂହପୁର ଆରଟିଓ ଅଧୀନରେ ପାରାଦୀପ, କଟକ ଆରଟିଓ ଅଧୀନରେ ଆଠଗଡ଼ ଓ ନିଆଳି, କେନ୍ଦ୍ରାପଡ଼ା ଆରଟିଓ ଅଧୀନରେ ପଟ୍ଟାମୁଣ୍ଡାଇ, ଭଦ୍ରକ ଆରଟିଓ ଅଧୀନରେ ଚାନ୍ଦବାଲି ଓ ଧାମରା, ଯାଜପୁରର ଚଣ୍ଡିଖୋଲ ଆରଟିଓ ଅଧୀନରେ କଳିଙ୍ଗନଗର ଓ କାଳିଆପାଣି, ବାଲେଶ୍ୱର ଆରଟିଓ ଅଧୀନରେ ଜଳେଶ୍ୱର

ବୁଧବାର, ସେପ୍ଟେମ୍ବର ୦୬, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ମୁଁ ବି "ମିତା ଅଭିଯାନ" ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ

ଭଦ୍ରକ, ୦୫/୦୯ (ନି.ପ୍ର): ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ଜରିଆରେ ସ୍ଥାନୀୟ ସଂସ୍କୃତି ଭବନରେ "ମୁଁ ବି ମିତା ଅଭିଯାନ"ର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ "ମୁଁ ବି ମିତା ଅଭିଯାନ"ର ଅଭିମୁଖ୍ୟ ଏବଂ ନୂଆ ଭୋଟର ମାନଙ୍କୁ ପଞ୍ଜିକୃତ କରାଇବା ଦିଗରେ 'ମିତା' ହିସାବରେ ଭୂମିକା ନିର୍ବାହ ପାଇଁ ଏହି କାର୍ଯ୍ୟକ୍ରମରେ ସାମିଲ ହେବାକୁ ଉପସ୍ଥିତ ଥିବା କଲେଜ ଛାତ୍ରୀମାନଙ୍କ ଦାୟିତ୍ୱ ଓ ପଞ୍ଜିକରଣ ପ୍ରକ୍ରିୟା ସମ୍ବନ୍ଧରେ ଆଲୋକପାତ କରିଥିଲେ । ଡେପୁଟୀ କଲେକ୍ଟର, ନିର୍ବାଚନ ସାଗରିକା ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ଉପଜିଲ୍ଲାପାଳ ମନୋଜ ପାତ୍ର, ଭଦ୍ରକ ବି.ଡ଼ି.ଓ ସିତାକାନ୍ତ ରାଉତ, ତହସିଲଦାର ସଂଗ୍ରାମ କେଶରୀ ପ୍ରିୟଦର୍ଶୀ ଖୁଣ୍ଟିଆ, ଭଦ୍ରକ ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହା ପ୍ରମୁଖ ଯୋଗଦେଇ ଭୋଟର ସଚେତନତା, ନୂତନ ଭୋଟର ପଞ୍ଜିକରଣ ପାଇଁ ଆପ୍ ର ବ୍ୟବହାର, ଗଣତନ୍ତ୍ର ପାଇଁ ସଚେତନ ଭୋଟର ର ଆବଶ୍ୟକତା, ନୂତନ ଭୋଟର ପଞ୍ଜିକରଣରେ ମିତା ମାନଙ୍କର ଭୂମିକା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ସୂଚନା ଯୋଗ୍ୟକି ନୂତନ ଭୋଟର ତାଲିକା ଭୁକ୍ତ ହେବା ପାଇଁ ପୂର୍ବରୁ ଜାନୁୟାରୀ ୧ ତାରିଖ କେବଳ ଯୋଗ୍ୟ ତାରିଖ ଥିଲାବେଳେ ଏବେ ବର୍ଷରେ ୪ଥର ଏହି ସୁଯୋଗ ପ୍ରଦାନ କରାଯାଉଛି । ଜାନୁୟାରୀ, ଏପ୍ରିଲ, ଜୁଲାଇ ଓ ଅକ୍ଟୋବର ମାସର ପହିଲା ତାରିଖକୁ ୧୮ ବର୍ଷ ହେଉଥିଲେ ନାମ ପଞ୍ଜିକୃତ କରି ଜଣେ ନୂଆ ଭୋଟର ତାଲିକା ଭୁକ୍ତ ହୋଇପାରିବ । ଜାନୁୟାରୀ ୨୫ରେ ପ୍ରତିବର୍ଷ ପାଳିତ ହେଉଥିବା ମତଦାତା ଦିବସରେ ନୂଆ ଭୋଟର ପରିଚୟପତ୍ର ପ୍ରଦାନ କରାଯିବା ନେଇ ମଧ୍ୟ ସୂଚନା ପ୍ରଦାନ କରାଯାଇଥିଲା । ନିର୍ବାଚନୀ କାର୍ଯ୍ୟରେ ନୂତନ ଭୋଟର ସଂକ୍ଷିପ୍ତ ସଂଶୋଧନ ଆଦି କାର୍ଯ୍ୟପାଇଁ ସଚେତନତା ସୃଷ୍ଟି ଓ ପ୍ରକ୍ରିୟା କରଣରେ ମହିଳା ସ୍ୱେଚ୍ଛାସେବକା ଭାବେ କାର୍ଯ୍ୟ କରିବା ପାଇଁ ମୁଁ ବି ମିତା ଅଭିଯାନରେ ସାମିଲ ହେବା ପାଇଁ ଭଦ୍ରକ କଲେଜ, ମହିଳା ମହାବିଦ୍ୟାଳୟ, ସାଳନ୍ଦୀ କଲେଜ, ଚରମ୍ପା କଲେଜ, ଅର୍ଣ୍ଣପାଳ କଲେଜ, ସଂସ୍କୃତ ଡିଗ୍ରୀ କଲେଜ ଏବଂ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ, ପୁରୁଣାବଜାର ର ଛାତ୍ରଛାତ୍ରୀମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ । ସମସ୍ତଙ୍କୁ ଟୋପି ପ୍ରଦାନ କରାଯାଇଥିଲା ।

ବରଡା ଯଦୁନାଥ ହାଇସ୍କୁଲରେ ପୁରାତନ ଛାତ୍ର ସଂଘର ଗୁରୁପୂଜନ ଉତ୍ସବ

ଜଳେଶ୍ୱର , ୦୫/୦୯ (ନି.ପ୍ର): ତାଡଦାସ୍ଥିତ ବରଡା ଯଦୁନାଥ ପ୍ରଧାନ (ବିଜେପି) ହାଇସ୍କୁଲ ପରିସରରେ ପୁରାତନ ଛାତ୍ର ସଂଘ ପକ୍ଷରୁ ଗୁରୁପୂଜନ ଉତ୍ସବ ପାଳିତ ହୋଇଛି । ବହୁ ପୁରାତନ ଛାତ୍ର ଏକତ୍ରୀତ ହୋଇ ଶିକ୍ଷକମାନଙ୍କୁ ପୁଜା କରିବା ସହିତ ସମ୍ବର୍ଦ୍ଧିତ କରିଛନ୍ତି । ଏହା ସ୍ଥାନୀୟ ଅଂଚଳରେ ନିଆରା ପରମ୍ପରା ସୃଷ୍ଟି କରିବା ସହିତ ଆଜି ଏକ ଭାବଗମ୍ଭୀର ପରିବେଶ ସୃଷ୍ଟି କରିଥିଲା । ଶିକ୍ଷକ ବିନୋଦ ବିହାରୀ ଦାସ, ଗୌରାଙ୍ଗ ପାତ୍ର, ପୂର୍ଣ୍ଣଚନ୍ଦ୍ର ଦେ, ପିତାମ୍ବର ସାହୁ, ଇନ୍ଦୁମାଧବ ମହାନ୍ତି (ଓଷ୍ଟା ପୂର୍ବତନ ରାଜ୍ୟ ସଭାପତି), ବରେନ୍ଦ୍ର ପ୍ରଧାନ, ଲକ୍ଷ୍ମଣ ସେନାପତି ଓ ଅକ୍ଷୟ କୁମାର ପରିଡାଙ୍କ ବାସଭବନକୁ ଯାଇ ଗୁରୁବନ୍ଦନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୂର୍ବତନ ଛାତ୍ର ଲକ୍ଷ୍ମଣ ସେନାପତି, ସୁଦର୍ଶନ ପ୍ରଧାନ, ମଧୂସୁଦନ ସାହୁ, ସଦର୍ଶନ ଦାସ ଅଧିକାରୀ, ଗୋପାଳ ପ୍ରଧାନ, ବିଜୟ ଦତ୍ତ, କମଳଲୋଚନ ସାହୁ, ଲକ୍ଷ୍ମୀଧର ପାତ୍ର, ରଘୁନାଥ ବିଶ୍ୱାଳ, ବୁଦ୍ଧଦେବ ପ୍ରଧାନ, ଉର୍ମିଳା ଆଚାର୍ଯ୍ୟ, ପର୍ଶୁରାମ ପ୍ରଧାନ, ପୁରୁଷୋତ୍ତମ ବାରିକ, ପ୍ରଫୁଲ୍ଲ ପ୍ରଧାନ, ନଗେନ୍ଦ୍ର ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇଥିଲେ । ଜଳେଶ୍ୱରର ସମସ୍ତ ଶିକ୍ଷାନୁଷ୍ଠାନରେ ଆଜି ପାରମ୍ପରିକଭାବେ ଗୁରୁଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଜଳେଶ୍ୱର ଉଚ୍ଚ ବିଦ୍ୟାଳୟ, ଟାଉନ୍ ହାଇସ୍କୁଲ, ରାମକୃଷ୍ଣ ହାଇସ୍କୁଲ, ଆମ୍ବଳିଅଠା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଭୃତିରେ ଗୁରୁଦିବସ ପାଳନ କରାଯାଇଛି ।

ଗୁରୁଦିବସ ମହାସମାରୋହରେ ପାଳିତ

ବସ୍ତା, ୦୫/୦୯ (ନି.ପ୍ର): ଭାରତ ରତ୍ନ ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଦିନ ଅବସରରେ ପାଳିତ ହୋଇଥିବା ଗୁରୁଦିବସ ଆଜି ମହାସମାରୋହରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଉତ୍ସବରେ ବିଶିଷ୍ଟ ସମାଜସେବୀ ଓ ଓଡ଼ିଶା ଚକ୍ସସୟର ର ସଭାପତି ଶ୍ରୀଯୁକ୍ତ ମାନସ କୁମାର ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଗୁରୁ ଶିଷ୍ୟ ପରମ୍ପରାର ମହାନତା ବଖାଣି ଥିଲେ ଅନ୍ୟମାନଙ୍କ ମଧ୍ୟରେ । ଅନୁଷ୍ଠାନର ଉପଦେଷ୍ଟା ଶ୍ୟାମ ପ୍ରସାଦ ବେହେରା ଓ ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ଶ୍ରୀପତି ଚରଣ ପାତ୍ର ଉଦବୋଧନ ଦେଇଥିଲେ । ଏହି ଉପଲକ୍ଷେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ଗିରି ପ୍ରାରମ୍ଭିକ ଉଦବୋଧନ ପ୍ରଦାନ କରିଥିଲେ । ଉପ-ପ୍ରଧାନ ଆଚାର୍ଯ୍ୟା ସୁଶ୍ରୀ ରଞ୍ଜିତା ପାଢ଼ୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।

ଆମେରିକାର ପ୍ରଥମ ମହିଳାଙ୍କୁ କୋଭିଡ: ବାଇଡେନଙ୍କ ଭାରତ ଗସ୍ତକୁ ନେଇ ଆଶଙ୍କା

ନୂଆଦିଲ୍ଲୀ,୦୫/୦୯ : ଆମେରିକାର ପ୍ରଥମ ମହିଳାଙ୍କୁ କୋଭିଡ । ଜିଲ ବାଇଡେନ କୋଭିଡ ପଜିଟିଭ ଚିହ୍ନଟ ହୋଇଥିବା ସୂଚନା ମିଳିଛି । ଏନେଇ ହ୍ୱାଇଟ ହାଉସ ପକ୍ଷରୁ କୁହାଯାଇଛି ଯେ, ଜିଲ୍‌ଙ୍କ ଠାରେ କୋଭିଡର ସାମାନ୍ୟ ଲକ୍ଷଣ ଦେଖାଦେଇଛି । ତେବେ ବାଇଡେନଙ୍କ ରିପୋର୍ଟ ନେଗେଟିଭ ଆସିଛି । ରାଷ୍ଟ୍ରପତି ଜୋ ବାଇଡେନଙ୍କ ୭୨ ବର୍ଷୀୟ ପତ୍ନୀ ଗତବର୍ଷ ଅଗଷ୍ଟ ମାସରେ କୋଭିଡରେ ଆକ୍ରାନ୍ତ ହୋଇଥିଲେ । ସେହିପରି ରାଷ୍ଟ୍ରପତିଙ୍କୁ ମଧ୍ୟ ୨୦୨୨ ଜୁଲାଇରେ କୋଭିଡ ହୋଇଥିଲା । ଗଣମାଧ୍ୟମର ସୂଚନା ଅନୁସାରେ ପତ୍ନୀଙ୍କୁ କରୋନା ଚିହ୍ନଟ ପରେ ଆମେରିକା ରାଷ୍ଟ୍ରପତିଙ୍କ ଭାରତ ଗସ୍ତ ନେଇ ଆଶଙ୍କା ଦେଖାଦେଇଛି । ଜି-୨୦ ଶିଖର ସମ୍ମିଳନୀରେ ଯୋଗଦେବାକୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଭାରତ ଆସିବାର କାର୍ଯ୍ୟକ୍ରମ ରହିଛି ।

ମଦ ବିକ୍ରେତାଙ୍କୁ ଧରି ଅବକାରୀ ବିଭାଗକୁ ହସ୍ତାନ୍ତର କଲେ ଗ୍ରାମବାସୀ

ଖଇରା, ୦୫/୦୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଉଦୟପୁର ଗ୍ରାମରେ ବ୍ୟାପକ ମହୁଲି ମଦ ଚୋରା କାରବାର ରେ ସଂପୃକ୍ତ ଥିବା ସୁଧିର ଦାସଙ୍କୁ ସ୍ୱୟଂ ସହାୟିକା ଗୋଷ୍ଠିର ସଦସ୍ୟ ମାନେ ଧରି ଅବକାରୀ ବିଭାଗ କୁ ହସ୍ତାନ୍ତର କରିଛନ୍ତି । ଉକ୍ତ ଗ୍ରାମର ସୁଧିର ଦାସ ଓ ଅନ୍ୟ ୨ସହଯୋଗୀଙ୍କ ସହ ଦୀର୍ଘଦିନ ବେଆଇନ ଦେଶୀକାରବାର କରୁଥିବା ବେଳେ ଏହା ଯୁବଗୋଷ୍ଠୀଙ୍କ ଉପରେ ନକରାତ୍ମକ ପ୍ରଭାବ ପକାଇ ଆସୁଥିଲା । ଅସାମାଜିକ କାର୍ଯ୍ୟକଳାପ ମଧ୍ୟ ବଢି ଚାଲିଥିଲା । ଏଥିପାଇଁ ଉକ୍ତ ବିକ୍ରେତା ମାନଙ୍କୁ ଏଥିରୁ ନିବୃତ୍ତ ରହିବାକୁ ଗ୍ରାମବାସୀ ଅନୁରୋଧ କରିଥିଲେ ହେଁ ସେମାନେ ଖସମ କରିନଥିଲେ । ଅବକାରୀ ବିଭାଗ ବିଭିନ୍ନ ଆଳ ଦେଖାଇ ନିଜର ଅକ୍ଷମତା ଜାହିର କରୁଥିଲା । ଖୋଦ ସରପଞ୍ଚ ବିଣାପାଣି ପଣ୍ଡା ନିଜେ ଯାଇ ବୁଝାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ । ଶେଷରେ ମଙ୍ଗଳବାର ଦିନ ଗ୍ରାମବାସୀ ଅନ୍ୟ ଉପାୟ ନପାଇ ସୁଧୀରଙ୍କୁ ଧରିବା ପରେ ପାଖରେ ରଖିଥିବା ବ୍ୟାପକ ମଦ ନଷ୍ଟ କରିଥିଲେ ।

ପୂର୍ବତନ ୱାର୍ଡସଭ୍ୟଙ୍କ ପରଲୋକ

ବସ୍ତା, ୦୫/୦୯ (ନି.ପ୍ର): ବସ୍ତା ବ୍ଲକ ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଜହତା କୂଳ ଗ୍ରାମର ପୂର୍ବତନ ୱାର୍ଡସଭ୍ୟ ମାଧବ ମହାନ୍ତି (୬୫) ଙ୍କର ମଙ୍ଗଳବାର ମୃତ୍ୟୁ ଘଟିଛି । ସେ କଂଗ୍ରେସ ଦଳର ଜଣେ ସକ୍ରିୟ କର୍ମୀ ଥିଲେ । ଦୀର୍ଘ ଦିନ ଧରି ସେ କର୍କଟ ରୋଗରେ ପୀଡିତ ହୋଇ ମୁମ୍ବାଇ ସ୍ଥିତ ଟାଟା ମେମୋରିଆଲ ମେଡିକାଲରେ ଚିକିତ୍ସିତ ହେଉଥିଲେ । ଚିକିତ୍ସିତ ଅବସ୍ଥାରେ ତାଙ୍କ ବାସଭବନରେ ସେ ମୃତ୍ୟୁବରଣ କରିଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ପଞ୍ଚାୟତ କଂଗ୍ରେସ ସଭାପତି ଚକ୍ରଧର ମହାନ୍ତି, ପୂର୍ବତନ ସରପଞ୍ଚ ମଦନ ମୋହନ ଯେନା, ପୂର୍ବତନ ସମବାୟ ସମିତି ସଭାପତି ସନ୍ତୋଷ କୁମାର ବାରିକ, ସମାଜସେବୀ କୈଳାସ ଚନ୍ଦ୍ର ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ତାଙ୍କର ସ୍ତ୍ରୀ ଓ ପୁଅ, ଝିଅ ଅଛନ୍ତି । ଗ୍ରାମବାସୀଙ୍କ ସହଯୋଗରେ ଗାଁ ଶ୍ମଶାନରେ ତାଙ୍କର ଅନ୍ତେଷ୍ଟି କ୍ରିୟା ସମ୍ପନ୍ନ ହୋଇଥିଲା କ୍ଷ ସେ ପୂର୍ବରୁ କଂଗ୍ରେସ ଦଳ ତରଫରୁ ୱାର୍ଡସଭ୍ୟ ଭାବେ ବିଜୟୀ ହୋଇ ନିଜର ଦାୟିତ୍ୱ ସୁଚାରୁ ରୂପେ ତୁଲାଇ ସମସ୍ତଙ୍କର ପ୍ରିୟଭାଜନ ହୋଇଥିଲେ ।

ବୋଲେରୋ ଧକ୍କାରେ ମୃତ୍ୟୁବରଣ କରିଥିବା ଛାତ୍ରଙ୍କ ଉଦ୍ଦେଶ୍ୟରେ ଶୋକସଭା

ନୀଳଗିରି , ୦୫/୦୯ (ନି.ପ୍ର): ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ପଞ୍ଚଲିଙ୍ଗେଶ୍ୱର ଛକ ନିକଟରେ ଗତ ଶନିବାର ୩ତାରିଖ ସନ୍ଧ୍ୟାରେ ବୋଲେରୋ ଧକ୍କାରେ ମୃତ୍ୟୁ ବରଣ କରିଥିବା ଛାତ୍ର ମନୋଜ ଦାସଙ୍କ ମୃତ୍ୟୁରେ ଶୋକସଭା ପାଳିତ ହୋଇଯାଇଛି । ସୋମବାର ପୂର୍ବାହ୍ନରେ ସମାଜ ସେବୀ ତଥା ପରିବେଶବିତ୍ ମନୋରଂଜନ ଦାସଙ୍କ ଆବାହକତ୍ୱରେ ପଞ୍ଚଲିଙ୍ଗେଶ୍ୱର ପୀଠରେ ଦୋକାନ କରିଥିବା ସମସ୍ତ ଦୋକାନୀ ମାନେ ଏକତ୍ରିତ ହୋଇ ସ୍ୱର୍ଗତ ଛାତ୍ର ମନୋଜ ଦାସଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ପାଳନ କରିଛନ୍ତି । ସ୍ୱର୍ଗତ ମନୋଜ ୯ମ ଶ୍ରେଣୀରେ ପଢୁଥିବା ବେଳେ ସେ ଜଣେ ମେଧାବୀ ଓ ଶାନ୍ତ ସ୍ୱଭାବର ଛାତ୍ର ଥିଲେ । ତାଙ୍କ ମୃତ୍ୟୁରେ ସମଗ୍ର ପଞ୍ଚଲିଙ୍ଗେଶ୍ୱର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା । ଛାତ୍ର ମନୋଜ ପଞ୍ଚଲିଙ୍ଗେଶ୍ୱର ଦୋକାନୀ ଓ ଯାତ୍ରୀ ସୁରକ୍ଷା କମିଟିର ସଭାପତି ସୁରେନ୍ଦ୍ର ଦାସଙ୍କ ନାତି ତଥା ଦୋକାନୀ ଲକ୍ଷ୍ମୀ ନାରାୟଣ ଦାସଙ୍କ ପୁଅ ଅଟନ୍ତି । ଏହି ଶୋକସଭାରେ ସମସ୍ତ ଦୋକାନୀ ଉପସ୍ଥିତ ଥିବା ବେଳେ ତାଙ୍କ ଏକା ଦଶାହ ରେ ସ୍ମୃତିସଭା ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି ।

ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ, ବାଲେଶ୍ୱର କାର୍ଯ୍ୟାଳୟରେ ଗୁରୁଦିବସ ପାଳିତ

ବାଲେଶ୍ୱର, ୦୫/୦୯ (ନି.ପ୍ର): ଭାରତର ଦ୍ୱିତୀୟ ରାଷ୍ଟ୍ରପତି ପଣ୍ଡିତ, ଦାର୍ଶନିକ ଭାରତରତ୍ନ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମଦିନ ଅବସରରେ ପବିତ୍ର ଗୁରୁଦିବସ ପାଳନ ଉପଲକ୍ଷେ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ବାଲେଶ୍ୱର କାର୍ଯ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଘର ସଭାପତି ବନମାଳୀ ନାୟକ ରାଧାକ୍ରିଷ୍ଣନ୍‌ଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ କରିବା ସଂଗେସଂଗେ ଅନୁଷ୍ଠିତ ସଭାରେ ସଭାପତିତ୍ୱ କରି ଡ. ରାଧାକ୍ରିଷ୍ଣନ୍‌ଙ୍କ ବ୍ୟକ୍ତିତ୍ୱ, ଦର୍ଶନ ଓ ଭାରତୀୟ ସମାଜକୁ ତାଙ୍କର ଅତୁଳନୀୟ ଅବଦାନ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ସଂଘର ଅନ୍ୟାନ୍ୟ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟାମାନେ ମଧ୍ୟ ତାଙ୍କର ସ୍ମୃତିଚାରଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦାମୋଦର ନାୟକ, ସୁରେନ୍ଦ୍ରନାଥ ନାୟକ, କେଶବ ଚନ୍ଦ୍ର ମହାନ୍ତି, ଶିଶିର କୁମାର ରଥ, ଜ୍ଞାନେନ୍ଦ୍ର ନାଥ ସାହୁ ଆଲୋଚନାରେ ଅଂଶଗ୍ରହଣ କରିଥିବାବେଳେ ଭବେଶ ଚନ୍ଦ୍ର ପଣ୍ଡା, ଶେଖ୍ ଆଲ୍ଲାଉଦ୍ଦିନ୍, କ୍ଷେତ୍ରମୋହନ ନାୟକ, ରମେଶ ଚନ୍ଦ୍ର ଜେନା, ରବୀନ୍ଦ୍ରନାଥ ପାଣି, ଡ. ତାରାକାନ୍ତ ନନ୍ଦ, ପୁରୁଷୋତ୍ତମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ସର୍ବଶେଷରେ ଶ୍ରୀ ଶଶାଙ୍କ ଶେଖର ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

ଫାଶୀ ଲଗାଇ ଯୁବକର ଆତ୍ମହତ୍ୟା

ଲଙ୍ଗଳେଶ୍ୱର ୫/୯(ନିପ୍ର) ବାଲିଆପାଳ ଥାନା ଅନ୍ତର୍ଗତ ବାଲିକୁଟି ପଞ୍ଚାୟତର ଛଡ଼ା ଗ୍ରାମର ଲକ୍ଷ୍ମଣ ମାଝୀ ଙ୍କ ପୁତ୍ର ସମ୍ବୁନାଥ ମାଝୀ (୩୨) ଆଜି ଅପରାହ୍ନ ସମୟରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ନେଇ ବାଲିଆପାଳ ଥାନା କୁ ଖବର ଦେଇଥିଲେ । ଯୁବକ ଜଣଙ୍କ ଶୋଇବା ଘର ଭିତରେ ଫାଶୀ ଲଗାଇ ଦେଇଥିଲା । ଖବର ପାଇ ବାଲିଆପାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ବାଲିଆପାଳ ଥାନା କେଶ୍ ନଂ ୩୨/୨୩ ଅପମୃତ୍ୟୁ ମାମଲା ରୁଜୁ କରିଛି । ପୋଲିସ ରାମଚନ୍ଦ୍ର ପୁଦୁଲୁ ଘଟଣା ର ତଦନ୍ତ କରୁଛନ୍ତି ।

ଏଲ.ଆଇ.ସି ବାଲେଶ୍ୱର ଶାଖାରେ ମାଗଣା ସ୍ୱାସ୍ଥ୍ୟ ଶିବିର

ବାଲେଶ୍ୱର, ୦୫/୦୯ (ନି.ପ୍ର): ୬୭ତମ ବୀମା ସପ୍ତାହ ପାଳନ ଅବସରରେ ଭାରତୀୟ ଜୀବନ ବୀମା ନିଗମ ବାଲେଶ୍ୱର ଶାଖାରେ **AMRI Hospital Bhubaneswar** ଦ୍ୱାରା ତା ୦୫.୦୯.୨୦୨୩ରିଖରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରକୁ ଶାଖାର ବରିଷ୍ଠ ଶାଖା ପ୍ରବନ୍ଧକ ସବ୍ୟସାଚୀ ସାହୁ ଉଦ୍‌ଘାଟନ କରିଥିଲେ । ଶିବିରର ସମସ୍ତ ଆୟୋଜନ ଶାଖାର ବରିଷ୍ଠ ପ୍ରଶାସନିକ ଅଧିକାରୀ ପୀତାମ୍ବର ଦାସ ପରିଚାଳନା କରିଥିଲା ବେଳେ ଶାଖାର କେତେକ କର୍ମଚାରୀ ସହଯୋଗ କରିଥିଲେ । **AMRI Hospital** ରେ ଭେସଜ ବିଶେଷଜ୍ଞ ଡାକ୍ତର ସୁବାଷ ଚନ୍ଦ୍ର ପାଢ଼ୀଙ୍କ ତତ୍ତ୍ୱାବଧାନରେ ତାଙ୍କର ସହଯୋଗୀ ଯଥା ସସ୍ମିତା ପରିଡ଼ା, ହରେଶ ପରିଡ଼ା, ସିଦ୍ଧାର୍ଥ ମଲିକ, ବ୍ରଜେଶ ଡିଗଲ ଆଦି ତାଙ୍କୁ ସାହାଯ୍ୟ କରିଥିଲେ । ଏଇ ଶିବିର ସକାଳ ୧୦ଟାରେ ଆରମ୍ଭ ହୋଇ ଅପରାହ୍ନ ୩.୩୦ରେ ସମାପ୍ତ ହୋଇଥିଲା । ଏଥିରେ ୧୧୫ରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । କାର୍ଯ୍ୟ ସୂଚାରୁରୂପେ ପରିଚାଳିତ ହୋଇଥିବାରୁ ଶାଖାର ବରିଷ୍ଠ ପ୍ରବନ୍ଧକ ସବ୍ୟସାଚୀ ସାହୁ, ପ୍ରଶାସନିକ ଅଧିକାରୀ ପୀତାମ୍ବର ଦାସ ଓ ବରିଷ୍ଠ କର୍ମଚାରୀ ଦିଲ୍ଲୀପ ଦାସ ସନ୍ତୋଷ ପ୍ରକାଶ କରି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ବି.ବି.ମହାବିଦ୍ୟାଳୟର ସ୍ୱନକ୍ଷତ୍ର ଦିବସ ପାଳିତ

ବାରିପଦା , ୦୫/୦୯ (ନି.ପ୍ର): ବାଇଗଣବାଡିଆ ସ୍ଥିତ ବିବି ମହାବିଦ୍ୟାଳୟର ୪୦ତମ ସ୍ୱନକ୍ଷତ୍ର ଦିବସ ଅଧକ୍ଷ ଡ.ସନ୍ଦୀପ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସର ରେ ଓଡିଶା ସରକାରଙ୍କର ସ୍କୁଲ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ଶ୍ରୀଯୁକ୍ତ ସୁଦାମ ମାର୍ଣ୍ଡି ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଶୃଙ୍ଖଳିତ କର୍ମନିଷ୍ଠ ହେବାପାଇଁ ଆହ୍ୱାନ ଦେଇଥିଲେ । ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଚେୟାରମେନ୍ ଡ. ଦେବାଶିଷ ମାର୍ଣ୍ଡି, ମୟୂରଭଞ୍ଜ ଜିଲ୍ଲା ପରିଷଦ ୮ ନମ୍ବର ଜୋନର ସଭ୍ୟ ଶ୍ରୀ ଦୁର୍ଗା ଚରଣ ମାର୍ଣ୍ଡି, କୁଳିଅଣା ବ୍ଲକ ଚେୟାରମ୍ୟାନ ଦୀପିକା ସିଂ, ଭାଇସ-ଚେୟାରମ୍ୟାନ ଅନିମା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସୁନ୍ଦର ଭବିଷ୍ୟତ ପାଇଁ କୋଠର ପରିଶ୍ରମ ହିଁ ଏକମାତ୍ର ବିକଳ୍ପ ବୋଲି କହିଥିଲେ । ପ୍ରାଧ୍ୟାପକ ଡ.ଶ୍ରୀନାଥ ସାମଲ ପ୍ରାରମ୍ଭିକ ସୁଚନା ଦେଇଥିବା ବେଳେ, ପ୍ରଶାସନିକ